ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.59 Bhubaneswar Friday April 07 2023 | ୨୬ତମ ବର୍ଷ ସଂଖ୍ୟା–୫୯ ଭୁବନେଶ୍ୱର, ଶୁକ୍ରବାର, ଅପ୍ରେଲ ୦୭, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ଓଡିଶାର ୮୭ ଜେଲରେ ଅଛନ୍ତି ୮୦୦ରୁ ଊର୍ଦ୍ଧ୍ୱ ମାନସିକ ରୋଗୀ



ଭୁବନେଶ୍ୱର,୬।୪(ପି.ଏନ): ଅପରାଧୀକ ମାମଲାରେ ଫସି ଜେଲରେ ସଜା କାଟୁଥିବା କଏଦୀ ରୋଗୀ ପାଲଟି ଗଲେଣି। ସେ ପୁଣି ମାନସିକ ରୋଗୀ। ସଂଖ୍ୟା ବଢି ବଢି ଚାଲିଛି। ଜେଲ୍ ଡିଜି ମନୋଜ ଛାବ୍ରାଙ୍କ ସୂଚନା ଅନୁସାରେ, ରାଜ୍ୟରେ ଥିବା ୮୭ଟି ଜେଲରେ ୮୦୦ରୁ ଅଧିକ ମାନସିକ ରୋଗୀ ଅଛନ୍ତି। ମାଲକାନଗିରି ଜେଲରେ ସଂଖ୍ୟା ସବୁଠୁ ଅଧିକ ସଂଖ୍ୟକ ରୋଗୀ ଅଛନ୍ତି। ତା'ପଛକୁ ରହିଛି କୋରାପୁଟ ଓ ଜୟପୁର ଜେଲ। ଘଉଜଇର ତଥ୍ୟ ଅନୁସାରେ, ଓଡିଶା ଜେଲରେ ମାନସିକ ରୋଗୀଙ୍କ ସଂଖ୍ୟା ୨୦୧୯ରେ ୬୨୬ ଥିବା ବେଳେ ୨୦୨୦ରେ ୬୯୬ ଓ ୨୦୨୧ ମସିହାରେ ୬୯୯ ଜଣ ଥିଲେ। ଚିନ୍ତାର ବିଷୟ ହେଉଛି ଯେ, ଜେଲରେ ଥିବା ମାନସିକ ରୋଗୀ ହାରରେ ଓଡିଶା ଉତ୍ତରପ୍ରଦେଶ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛି ବୋଲି ଜେଲ୍ ଡିଜି ମନୋଜ ଛାବ୍ରା କହିଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି, ଜେଲରେ କାହିଁକି ବଢୁଛନ୍ତି ମାନସିକ ରୋଗୀଙ୍କ ସଂଖ୍ୟା? କଏଦୀଙ୍କୁ ଉପଯୁକ୍ତ ଚିକିତ୍ସା ମିଳୁନି କି? ବିଚାର ପ୍ରକ୍ରିୟାରେ ବିଳମ୍ବ ଯୋଗୁ ବର୍ଷ ବର୍ଷ ଧରି ମାମଲାର ଫଇସଲା ନହୋଇପାରିବା କଏଦୀଙ୍କ ମାନସିକ ରୋଗଗ୍ରସ୍ତ ପଛର କାରଣ କି? ଜେଲରେ ଅଧିକ ଦିନ ରହିବା ଯୋଗୁ କଏଦୀଙ୍କ ମଧ୍ୟରେ ମାନସିକ ବିକାରଗ୍ରସ୍ତତା ବଢୁଥିବା ମଧ୍ୟ କହିଛନ୍ତି ବିଶେଷଜ୍ଞ।

## ଲୋକସଭାର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ

ନୂଆଦିଲ୍ଲୀ, ୬।୪(ପି.ଏନ): ଲୋକସଭାର କାର୍ଯ୍ୟବାହି ବୁଧବାର ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ସେହିପରି ରାଜ୍ୟସଭାର କାର୍ଯ୍ୟବାହି ଅପରାହ୍ନ ୨ଟା ପର୍ଯ୍ୟନ୍ତ ସ୍ଥଗିତ ରହିଛି। ଲୋକସଭା ଅଧ୍ୟକ୍ଷ ଓମ୍ ବିର୍ଲା ବିରୋଧୀଙ୍କୁ ପରାମର୍ଶ ଦେଇଛନ୍ତି ଯେ, ସେମାନଙ୍କର ବ୍ୟବହାର ଗୃହର ମର୍ଯ୍ୟାଦା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧର ଅନୁରୂପ ନାହିଁ।

## ପ୍ରଥମ ଶ୍ରେଣୀରେ ନାମଲେଖା ବୟସ: ସ୍ପଷ୍ଟୀକରଣ ଦେଲା ଗଣଶିକ୍ଷା ବିଭାଗ

ଭୁବନେଶ୍ୱର,୬।୪(ପି.ଏନ): ଚଳିତ ଶିକ୍ଷା ବର୍ଷରେ ପ୍ରଥମ ଶ୍ରେଣୀରେ ନାମଲେଖା ବୟସକୁ ନେଇ ରହିଥିବା ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଜାରି ହୋଇଛି। ଚଳିତ ଶିକ୍ଷାବର୍ଷରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ପିଲାଙ୍କ ବୟସ ଚଳିତବର୍ଷ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ୫ରୁ ୭ବର୍ଷ ଧାର୍ଯ୍ୟ କରାଯାଇଛି। ତେବେ କେନ୍ଦ୍ର ସରକାର ପ୍ରଥମ ଶ୍ରେଣୀରେ ନାମଲେଖା ପାଇଁ ସର୍ବନିମ୍ନ ବୟସ ୬ବର୍ଷ ଧାର୍ଯ୍ୟ କରିଛନ୍ତି। ପ୍ରଥମ ଶ୍ରେଣୀରେ ନାମଲେଖା ବୟସକୁ ନେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ରହିଥିବା ତଫାତ ଯୋଗୁ ସାଧାରଣରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ଜାରି ସୂଚନା ଅନୁସାରେ ଚଳିତ ଶିକ୍ଷାବର୍ଷରେ ପ୍ରଥମ ଶ୍ରେଣୀରେ ନାମଲେଖା ବୟସକୁ ନେଇ ଜିଲ୍ଲା ଓ ବ୍ଲକସ୍ତରରେ ତଥା ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିଥିଲା। ଯାହାଫଳରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଥିବା ପିଲାଙ୍କ ଅଭିଭାବକମାନେ ବି ଦ୍ୱନ୍ଦ୍ୱରେ ପଡିଥିଲେ। ଏହି ଦ୍ୱନ୍ଦ୍ୱକୁ ଦୂର କରିବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି ହୋଇଛି। ଚଳିତ ଶିକ୍ଷା ବର୍ଷରେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବା ପାଇଁ ବୟସସୀମା ସର୍ବନିମ୍ନ ୫ବର୍ଷ ଓ ସର୍ବାଧିକ ୭ବର୍ଷ ଧାର୍ଯ୍ୟ ହୋଇଛି। ତେବେ ଦିବ୍ୟାଙ୍ଗ ପିଲାଙ୍କ କ୍ଷେତ୍ରରେ ଏହି ବୟସସୀମା ସର୍ବାଧିକ ୯ବର୍ଷ ରହିଛି।

## ଝାରସୁଗୁଡ଼ା ଉପନିର୍ବାଚନ ପାଇଁ ନୋଡ଼ାଲ ଅଧିକାରୀଙ୍କ ବୈଠକ

ଭୁବନେଶ୍ୱର, ୬।୪(ପି.ଏନ): ଝାରସୁଗୁଡ଼ା ଜିଲ୍ଲାର ୭-ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ହେବାକୁ ଥିବା ଉପନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ନିମନ୍ତେ ଗୁରୁବାର ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ରାଜ୍ୟସ୍ତରୀୟ ନୋଡାଲ ଅଧିକାରୀମାନଙ୍କୁ ନେଇ ଏକ ବୈଠକ କରାଇଛନ୍ତି। ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀ ସହ ସମଗ୍ର ଝାରସୁଗୁଡ଼ା ଜିଲ୍ଲାରେ ବର୍ତ୍ତମାନ ଆଦର୍ଶ ଆଚରଣବିଧି ବଳବତର ରହିଛି। ଆଦର୍ଶ ଆଚରଣବିଧିର ଅନୁପାଳନ, ନିର୍ବାଚନ ସମୟରେ ଆଇନଶୃଙ୍ଖଳା ରକ୍ଷା, ଜନଗହଳି ସ୍ଥାନରେ ଅଯଥା ଗହଳି ନକରିବା, ଟ୍ରାଫିକ୍ ସୁପରିଚାଳନା, ଅବକାରୀ ବିଭାଗ ଓ ପୁଲିସ ବିଭାଗର ମିଳିତ ଚଢ଼ାଉ, ନିର୍ବାଚନ ବେଳେ ଭୋଟରଙ୍କୁ ଆକୃଷ୍ଟ କରିବା ନିମନ୍ତେ ସମ୍ଭାବ୍ୟ ଅର୍ଥ କାରବାର ଉପରେ ରୋକ ଲଗାଇବା ଇତ୍ୟାଦି ଉପରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ବିସ୍ତୃତ ଭାବେ ଆଲୋଚନା କରିବା ସହ ଉପସ୍ଥିତ ଥିବା ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ରାଜ୍ୟ ପୁଲିସ ମୁଖ୍ୟାଳୟର ଆଇଜି ଯତୀନ୍ଦ୍ରନାଥ କୋଏଲ୍, ଆଇନଶୃଙ୍ଖଳା ବିଭାଗ ଆଇଜି ପ୍ରବୀନ୍ କୁମାର, ଆୟକର ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ବୀନୟ ଶୀଲ୍ ଗୌତମ, ଅବକାରୀ ବିଭାଗର ଅତିରିକ୍ତ ଅବକାରୀ କମିଶନର ରାମଚନ୍ଦ୍ର ପଳତା ଓ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ପ୍ରମୁଖ ଉପସ୍ଥିତ ଥିଲେ।

## ଉତରକାଶୀ ଜିଲ୍ଲାରେ ଭୂକମ୍ପର ଝଟକା

ଉତରକାଶୀ, ୬।୪(ପି.ଏନ): ଉତରକାଶୀ ଜିଲ୍ଲାରେ ପୁଣି ଥରେ ଭୂକମ୍ପର ଝଟକା ଅନୁଭୂତ ହୋଇଛି। ଗୁରୁବାର ଭୋର୍ ପ୍ରାୟ ୫ଟା ୪୦ ମିନିଟ୍ ସମୟରେ ଭୂକମ୍ପର ଏହି ଝଟକା ଅନୁଭୂତ ହୋଇଛି। ଲୋକ ମାନେ ଏହା ଜାଣିବା କ୍ଷଣି ଜୀବନ ବିକଳରେ ଘରୁ ପଦାକୁ ବାହାରି ଆସିଥିଲେ। ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ଉତରକାଶୀ ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ, ଭୂକମ୍ପର କେନ୍ଦ୍ରସ୍ଥଳ ଉତରକାଶୀ ଜିଲ୍ଲା ମୁଖ୍ୟାଳୟ ନିକଟ ମାଣ୍ଡୋ ଗ୍ରାମ ଜଙ୍ଗଲରେ ରହିଛି। ତେବେ ଭୂକମ୍ପର ତୀବ୍ରତା ଅଧିକ ନଥିବାରୁ କୌଣସି କ୍ଷୟକ୍ଷତି ହୋଇନାହିଁ।

## କଳାହାଣ୍ଡି ମେଡିକାଲ୍ କଲେଜ୍‌ରେ ଆରମ୍ଭ ହେବ ପାଠପଢା

ଭୁବନେଶ୍ୱର,୬।୪(ପି.ଏନ): କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ମେଡିକାଲ କଲେଜରେ ଚଳିତ ଶିକ୍ଷାବର୍ଷରୁ ପାଠ ପଢା ଆରମ୍ଭ ହେବ।

## ନିପନ ଷ୍ଟିଲ ପ୍ଲାଂଟ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ

ଟୋକିଓ/ଭୁବନେଶ୍ୱର, ୬।୪(ପି.ଏନ):ଜାପାନ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ନିପନ୍ ଷ୍ଟିଲ୍ କର୍ପୋରେସନର କିମିସୁ ଷ୍ଟିଲ୍ ୱାର୍କସ୍ ପରିଦର୍ଶନ କରିଛନ୍ତି। ରାଜ୍ୟ ସରକାରଙ୍କ ପ୍ରତିନିଧି ଦଳ ମଧ୍ୟ ନିପନ୍ ଷ୍ଟିଲ୍ ବୁଲି ଦେଖିଛନ୍ତି। ରାଜ୍ୟ ସରକାରଙ୍କ ପ୍ରତିନିଧି ଦଳ ଏନଏସସିର କିମିସୁ ଷ୍ଟିଲ ୱାର୍କରେ ଇସ୍ପାତ ଉତ୍ପାଦନରେ ବ୍ୟବହୃତ ଅତ୍ୟାଧୁନିକ ଜ୍ଞାନ କୌଶଳ ଏବଂ ପ୍ରକ୍ରିୟା ବିଷୟରେ ବୁଝିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ କହିଛନ୍ତି ଯେ ଟୋକିଓ ସ୍ଥିତ ନିପନ ଷ୍ଟିଲ ପ୍ଲାଂଟ ବୁଲି ଦେଖିବା ବେଳେ ପରିବେଶ ଉପଯୋଗୀ ପଦକ୍ଷେପ ଦେଖି ବହୁତ ଖୁସି ହେଲି। ଗ୍ରୀନ ଟେକ୍ନୋଲୋଜି ଉପଯୋଗରେ ଷ୍ଟିଲ ଉତ୍ପାଦନରେ ସେମାନେ ଉଲ୍ଲେଖନୀୟ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ସହଯୋଗରେ କେନ୍ଦ୍ରାପଡ଼ା ଓ ଜଗତସିଂହପୁରରେ ହେବାକୁଯାଉଥିବା ଷ୍ଟିଲ ପ୍ଲାଂଟ ନେଇ ମୁଁ ବହୁତ ଆଶାବାଦୀ। ମୁଖ୍ୟମନ୍ତ୍ରୀ ପୂର୍ବରୁ ନିପନ୍ ଷ୍ଟିଲ୍ କର୍ପୋରେସନ୍ ଅଧ୍ୟକ୍ଷ ଇଜି ହାସିମୋଟାଙ୍କୁ ସାକ୍ଷାତ କରିଥିଲେ। ଉଭୟଙ୍କ ମଧ୍ୟରେ ଆଲୋଚନା ବେଳେ ରାଜ୍ୟରେ ନିପନ୍ କମ୍ପାନି ବାର୍ଷିକ ୩୦ ନିୟୁତ ଟନ୍ କ୍ଷମତାବିଶିଷ୍ଟ ଏକ ବିଶାଳ ଇସ୍ପାତ କାରଖାନା ସ୍ଥାପନ କରିବ। ଏନେଇ କମ୍ପାନି ଯୋଜନା ରଖିଥିବା ବିଷୟରେ ସେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ। ହାସିମୋଟା ଓ ତାଙ୍କ ଟିମକୁ ମୁଖ୍ୟମନ୍ତ୍ରୀ ଓଡ଼ିଶା ଆସିବାକୁ ନିମନ୍ତ୍ରଣ କରିଛନ୍ତି।

## ଉପନିର୍ବାଚନ ପୂର୍ବରୁ ବଦଳିଲେ ଝାରସୁଗୁଡା ଜିଲ୍ଲାପାଳ

ଭୁବନେଶ୍ୱର, ୬।୪(ପି.ଏନ): ଆଗକୁ ଝାରସୁଗୁଡ଼ା ଉପନିର୍ବାଚନ ଥିବା ବେଳେ ବଦଳିଛନ୍ତି ଜିଲ୍ଲାପାଳ। ବର୍ତ୍ତମାନର ଝାରସୁଗୁଡା ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କୁ ବଦଳି କରାଯାଇ ତାଙ୍କ ସ୍ଥାନରେ ସୋନପୁର ଜିଲ୍ଲାପାଳ ଆବୋଲି ସୁନୀଲ ନରଭଣେଙ୍କୁ ନିଯୁକ୍ତି ଦିଆଯାଇଛି। ଏନେଇ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ଜାରି ହୋଇଛି। ଆବୋଲି ସୁନୀଲ ନରଭଣେଙ୍କୁ ନିର୍ଦ୍ଦେଶ ହୋଇଛି ଯେ, ତୁରନ୍ତ ସୋନପୁର ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାୟିତ୍ୱ ଦେଇ ସେଠାରୁ ନୂତନ କାର୍ଯ୍ୟସ୍ଥଳକୁ ଯାଇ କାର୍ଯ୍ୟରେ ଯୋଗଦାନ କରିବେ। ସୂଚନାଯୋଗ୍ୟ, ଆସନ୍ତା ମେ' ୧୦ ତାରିଖରେ ଝାରସୁଗୁଡାରେ ଉପନିର୍ବାଚନ ଅନୁଷ୍ଠିତ ହେବ। ୧୩ ତାରିଖରେ ଫଳାଫଳ ପ୍ରକାଶ ପାଇବ। ଆସନ୍ତା ଏପ୍ରିଲ ୧୩ ତାରିଖରେ ଗେଜେଟ ନୋଟିଫିକେସନ୍ ପ୍ରକାଶ ପାଇବ। ୨୦ ତାରିଖ ନାମାଙ୍କନ ଦାଖଲର ଶେଷ ଦିନ ଏବଂ ୨୧ ତାରିଖରେ ପ୍ରାର୍ଥୀପତ୍ର ଯାଂଚ ହେବ।

## ରାଜଧାନୀରେ ଦୌଡିବ ମେଟ୍ରୋ, ୪୫୦ଟି ପିଲରରେ ଛିଡା ହେବ ଟ୍ରାକ୍



ଭୁବନେଶ୍ୱର,୬।୪(ପି.ଏନ): ରାଜଧାନୀ ଭୁବନେଶ୍ୱରରେ ଗଡିବ ମେଟ୍ରୋ ଟ୍ରେନ୍। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଘୋଷଣା ପରେ ପ୍ରସ୍ତୁତ ହେଉଛି ଡିପିଆର୍। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ବିମାନବନ୍ଦରରୁ କଟକ ତ୍ରିଶୁଳିଆ ପର୍ଯ୍ୟନ୍ତ ଗଡିବ ମେଟ୍ରୋ। ବିମାନବନ୍ଦରରୁ ମାଷ୍ଟରକ୍ୟାଣ୍ଟିନ, ସେଠାରୁ ବାଣୀବିହାର, ଜୟଦେବ ବିହାର, ଚନ୍ଦ୍ରଶେଖରପୁର, ପଟିଆ, ଆଉ ନନ୍ଦନକାନନ ଦେଇ ତ୍ରିଶୁଳିଆ ପର୍ଯ୍ୟନ୍ତ ମେଟ୍ରୋ ଲାଇନ୍ ଯୋଡିବାକୁ ଯୋଜନା କରିଛନ୍ତି ସରକାର। ୩ ବର୍ଷ ଭିତରେ କାମ ସାରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ୨୯ କିଲୋମିଟର ଦୀର୍ଘ ଏହି ଟ୍ରାକ୍ ପାଇଁ ପ୍ରାୟ ୮ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି। ଅର୍ଥାତ କିଲୋମିଟର ପିଛା ପ୍ରାୟ ୨୫୦ କୋଟି ଖର୍ଚ୍ଚ ହେବ। ପ୍ରାୟ ୪୫୦ଟି ପିଲର ଉପରେ ଛିଡା ହେବ ମେଟ୍ରୋ ଟ୍ରାକ୍। ଏହି ରୁଟରେ ୭ରୁ ୮ଟି ମେଟ୍ରୋ ଷ୍ଟେସନ ନିର୍ମାଣ ହେବ। ଷ୍ଟେସନରୁ ତଳକୁ ଓହ୍ଲାଇଲେ ତତ୍କ୍ଷଣାତ ଅନ୍ୟ ସ୍ଥାନକୁ ଯିବା ପାଇଁ ସୁବିଧା ରହିବ। ମେଟ୍ରୋ ସ୍ୱପ୍ନ ସାକାର ହେଲେ, ଭୁବନେଶ୍ୱରରୁ କଟକକୁ ମାତ୍ର ୧୫ ମିନିଟ୍ ଓ ପୁରୀକୁ ଅଧାଘଣ୍ଟାରେ ପହଞ୍ଚିହେବ ବୋଲି କୁହାଯାଉଛି। ତେବେ ଏଲିଭେଟେଡ୍ କରିଡର ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସହ ବିସ୍ଥାପନ ମୁଖ୍ୟ ସମସ୍ୟା ସାଜିପାରେ ବୋଲି ଚର୍ଚ୍ଚା ହେଉଛି।

## ୫୦ ହଜାର ଟଙ୍କା ଲାଂଚ ନେବା ବେଳେ ଖଣ୍ଡଗିରି ଥାନା ଏସଆଇ ଗିରଫ

ଭୁବନେଶ୍ୱର, ୬।୪(ପି.ଏନ): ଲାଂଚ ନେବା ଅଭିଯୋଗରେ ଖଣ୍ଡଗିରି ଥାନା ଏସଆଇ ଭିଜିଲାନ୍ସ ହାତରେ ଧରା ପଡିଛନ୍ତି। ଏକ ମାମଲାର ରଫାଦଫା କରିବାକୁ ୫୦ ହଜାର ଟଙ୍କା ଲାଂଚ ନେବା ବେଳେ ପୋଲିସ ଏସ୍ଆଇ ସୁଶାନ୍ତ କୁମାର ସ୍ୱାଇଁଙ୍କୁ ଭିଜିଲାନ୍ସ ଗିରଫ କରିଛି। ସୂଚନା ଅନୁସାରେ ଏକ ମାମଲାର ଫାଇନାଲ ରିପୋର୍ଟ ପାଇଁ ଗୁରୁବାର ଶ୍ରୀ ସ୍ୱାଇଁ ଅଭିଯୋଗକାରୀଙ୍କୁ ୫୦ ହଜାର ଟଙ୍କା ଦାବି କରିଥିଲେ। ଅଭିଯୋଗକାରୀ ଶ୍ରୀ ସ୍ୱାଇଁଙ୍କୁ ନାକା ଗେଟ୍ ନିକଟରେ ୫୦ ହଜାର ଟଙ୍କା ଲାଂଚ ଦେଉଥିଲା ବେଳେ ଭିଜିଲାନ୍ସ ଟିମ୍ ମାଡ଼ିବସିଥିଲେ। ଏସଆଇଙ୍କ ସମେତ ଚିରଂଜିବୀ ବଳ ନାମକ ଆଉ ଜଣେ ବ୍ୟକ୍ତିଙ୍କୁ ମଧ୍ୟ ଭିଜିଲାନ୍ସ ଟିମ୍ ଗିରଫ କରିଛି।

## ଝାରସୁଗୁଡା ମଇଦାନରେ ପ୍ରାର୍ଥୀ ଦେଲା କଳିଙ୍ଗସେନା

ଭୁବନେଶ୍ୱର,୬/୪ : ଝାରସୁଗୁଡା ଉପନିର୍ବାଚନ ପାଇଁ କଳିଙ୍ଗ ସେନା ଆଜି ତାହାର ପ୍ରାର୍ଥୀ ଘୋଷଣା କରିଛି। ସେନା ସୁପ୍ରିମୋ ହେମନ୍ତ ରଥ ଝାରସୁଗୁଡାର ଉଚ୍ଚଶିକ୍ଷିତ ଯୁବକ ମହେନ୍ଦ୍ର ପଟ୍ଟନାୟକ ନାମକୁ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ରଥ ବିଧାୟକ ପ୍ରାର୍ଥୀ ଶ୍ରୀ ପଟ୍ଟନାୟକଙ୍କ ନାମ ଘୋଷଣା କରିବା ସହିତ ଆଗାମୀ ଉପନିର୍ବାଚନରେ ଝାରସୁଗୁଡା ବାସୀଙ୍କର ସେ ପ୍ରଥମ ପସନ୍ଦ ହେବେ ବୋଲି କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଆଜି ଝାରସୁଗୁଡା ପ୍ରତି କ୍ଷେତ୍ରରେ ଅବହେଳିତ ହୋଇ ରହିଛି। ମହାନଦୀ କୂଳରେ ଥିଲେ ମଧ୍ୟ ଏଠାକାର ଲୋକେ ସ୍ୱଚ୍ଛ ପାନୀୟଜଳ ମୁନ୍ଦାଏ ପାଇପାରୁ ନାହାନ୍ତି। ସେହିଭଳି ଶିଳ୍ପ ସମୃଦ୍ଧ ଏହି ଜିଲ୍ଲାରେ ନିଯୁକ୍ତି କ୍ଷେତ୍ରରେ ଓଡିଆ ଯୁବକ ଯୁବତୀଙ୍କୁ ଅଣଦେଖା କରାଯାଉଛି। ତେଣୁ ରାଜ୍ୟରେ ସର୍ବଦା ଯୁବଗୋଷ୍ଠି ଓ ଓଡିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଉଥିବା କଳିଙ୍ଗସେନା ପ୍ରତି ଲୋକଙ୍କ ସମର୍ଥନ ଅଧିକ ରହିବ ବୋଲି ଶ୍ରୀ ପଟ୍ଟନାୟକ ଜୋର ଦେଇ କହିଛନ୍ତି। କଳିଙ୍ଗସେନା ଆଜି ତାହାର ପ୍ରାର୍ଥୀ ଘୋଷଣା ପରେ ଝାରସୁଗୁଡା ଉପନିର୍ବାଚନ ପାଇଁ ବିଧିବଦ୍ଧ ଭାବେ ଦୁଇ ଦଳ ସେମାନଙ୍କ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ପୂର୍ବରୁ ବିଜେଡି ତାହାର ପ୍ରାର୍ଥୀ ଘୋଷଣା କରିଥିଲା।



ପବିତ୍ର ଗୁଡ୍ ଫ୍ରାଇଡେ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଗୁଡ୍ ଫ୍ରାଇଡ୍ଡେ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ, ଯେ ମାନବ ଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା।

ମୁଁ ରାଜ୍ୟର ଖ୍ରୀଷ୍ଟଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାକୁ ସଂକଳ୍ପ ସହ ଗୁଡ୍ ଫ୍ରାଇଡ୍ଡେ ପାଳନରେ ସାମିଲ ହେଉଛି।

ଗଣେଶୀ ଲାଲ
(ଗଣେଶୀ ଲାଲ)

DADLS-02
15001/13/0004/2324

## ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ଓବିସି ମଞ୍ଚ କର୍ମକର୍ତ୍ତାଙ୍କ ସାକ୍ଷାତ ଆଲୋଚନା



ସମ୍ବଲପୁର,୬।୪(ପି.ଏନ): ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲଙ୍କ ସହ ରାଜ୍ୟ ଓବିସି ମଞ୍ଚ କର୍ମକର୍ତ୍ତାଙ୍କ ସାକ୍ଷାତ ଆଲୋଚନା ଅନୁଷ୍ଠିତ ହୋଇଥିଲା ଓ ଛତିଶଗଡ଼ର ରାଜଧାନୀ ରାୟପୁର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ଏହି ସାକ୍ଷାତ ଆଲୋଚନାରେ ରାଜ୍ୟ ଓବିସି ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀ ବଘେଲଙ୍କୁ ଓବିସି ମଞ୍ଚ ପକ୍ଷରୁ ପଛୁଆ ବର୍ଗ (ଓବିସି) ମାନଙ୍କ ପାଇଁ କରାଯାଉଥିବା ଆନ୍ଦୋଳନ ସମ୍ପର୍କରେ ଅବଗତ କରାଯାଇଥିଲା ଓ ଏହି ଅବସରରେ ଛତିଶଗଡ ରାଜ୍ୟରେ ପଛୁଆବର୍ଗଙ୍କ ପାଇଁ ୧୪ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଥିବାବେଳେ ଏହି ସଂରକ୍ଷଣକୁ ୨୭ ପ୍ରତିଶତ କରିବା ପାଇଁ ଏକ ବିଧେୟକ ଗୃହରେ ପାରିତ ହୋଇ ରାଜ୍ୟପାଳଙ୍କ ଅନୁମୋଦନ ନିମନ୍ତେ ପଠାଯାଇଥିବା ମୁଖ୍ୟମନ୍ତ୍ରୀ ଶ୍ରୀ

## ୮ କୋଟି ଠକେଇ ମାମଲା : ତତ୍କାଳୀନ ଡେପୁଟି ମ୍ୟାନେଜର ଗିରଫ

ଫୁଲବାଣୀ, ୬।୪(ପି.ଏନ): ଫୁଲବାଣୀ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାରେ ହୋଇଥିବା ଆଠ କୋଟି ଟଙ୍କାର ଠକେଇ ମାମଲାରେ ଆଜି ରାଜ୍ୟ ଅର୍ଥନୈତିକ ଅପରାଧ ଶାଖା ଜଣେ ବ୍ୟାଙ୍କ ଅଧିକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସଂପୃକ୍ତ ଅଧିକାରୀ ଜଣକ ହେଲେ ଫୁଲବାଣୀ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖାର ତତ୍କାଳୀନ ଡେପୁଟି ମ୍ୟାନେଜର ତଥା ଫିଲଡ ଅଫିସର ଆଶୁତୋଷ ଆଚାର୍ଯ୍ୟ। ଇଓଡବ୍ଲ୍ୟୁ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୨୦୨୧/୨୨ ମସିହାରେ ଆଶୁତୋଷ ନିଜ ପଦବୀର ଅନୈତିକ ଫାଇଦା ଉଠାଇ ବିଭିନ୍ନ ବ୍ୟକ୍ତିଙ୍କ ନାମରେ ପ୍ରାୟ ୮ କୋଟି ଟଙ୍କାର ଋଣ ବେଆଇନ ଭାବେ ମଞ୍ଜୁର କରିଥିଲେ। ପରେ ଏ ସମସ୍ତ ଋଣ ଅର୍ଥକୁ ସେ ନିଜ ସମ୍ପର୍କୀୟ ମାନଙ୍କ ଆକାଉଂଟକୁ ଟ୍ରାନ୍ସଫର କରି ହଡ଼ପ କରିଥିଲେ। ସବିଶେଷ ତଥ୍ୟ ଅନୁଯାୟୀ, ଅଭିଯୁକ୍ତ ଆଶୁତୋଷ ୫୯ ଜଣଙ୍କ ନାମରେ ସରକାରୀ ଚାକିରିଆ ମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ୍ସପ୍ରେସ କ୍ରେଡିଟ ଲୋନ ମଞ୍ଜୁର କରିଥିଲେ, ଯାହାର ପରିମାଣ ଥିଲା ୬ କୋଟି ୭୭ ଲକ୍ଷ ୩୦ ହଜାର ଟଙ୍କା। ସେହିଭଳି ସେ ୨୬ ଜଣଙ୍କ ନାମରେ ୯୯ ଲକ୍ଷ ୮୨ ହଜାର ୭୯୫ ଟଙ୍କାର ପେନସନ ଋଣ ମଞ୍ଜୁର କରିଥିଲେ। ଏହିଭଳି ଭାବେ ସମୁଦାୟ ୮ କୋଟି ୧ ଲକ୍ଷ ୮୭ ହଜାର ଟଙ୍କା ଋଣ ମଞ୍ଜୁର କରାଯାଇ ଥିଲା, ଯାହାକି ପରବର୍ତ୍ତୀ ସମୟରେ ଆଶୁତୋଷ ନିଜ ଘରଲୋକଙ୍କ ଆକାଉଂଟକୁ ପଠାଇ ଦେଇଥିଲେ। ତେବେ ଋଣ ମଞ୍ଜୁର କରାଯାଇଥିବା ବ୍ୟକ୍ତି ମାନେ ସରକାରୀ ଚାକିରିଆ କିମ୍ବା ପେନସନ ଭୋଗୀ ନଥିବା ପରେ ଜଣାପଡିଥିଲା। ଏ ନେଇ ଅଭିଯୋଗ ହେବା ପରେ ଆଶୁତୋଷଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା। ରାଜ୍ୟ ଅର୍ଥନୈତିକ ଅପରାଧ ଶାଖାରେ ଏନେଇ ୧୪/୨୩ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ତଦନ୍ତରୁ ଘଟଣାର ସତ୍ୟତା ଜଣା ପଡିବା ପରେ ଆଜି ଅଭିଯୁକ୍ତ




# ମାନବ ସେବାରେ ଦୂରଦର୍ଶନ

**ବିପିନବିହାରୀ ମହାନ୍ତି**

ଜଗତୀକରଣ ପ୍ରକ୍ରିୟାରେ ବିଶ୍ୱ ଏବେ ସଂକୁଚିତ ହୋଇଯାଇଛି ଅର୍ଥାତ୍ ବିଶ୍ୱ ଏକ ପରିବାର ପାଲଟି ଯାଇଛି। ଏହି ପାରିବାରିକ କାରଣରୁ ଆମ ପାଇଁ ଅନେକ କିଛି ସହଜ,



ସରଳ ଏବଂ ସୁଗମ ହୋଇପାରିଛି । ଏ ସବୁର ମୂଳ କାରଣ ଆମ୍ଭମାନଙ୍କ ପାଖରେ ସଂପ୍ରତି ପହଂଚିଥିବା ପରିବହନ ଏବଂ ଯୋଗାଯୋଗ ବ୍ୟବସ୍ଥାର ସୁଲଭତା। ତେବେ ସାଂପ୍ରତିକ ଯୋଗାଯୋଗ ବ୍ୟବସ୍ଥା ବିଶ୍ୱବାସୀଙ୍କୁ ସନ୍ନିକଟ କରାଇବା ତଥା ପରସ୍ପରକୁ ବୁଝିବା ଏବଂ




ନିଜର ଅଭାବ ମେଣ୍ଟାଇବା, ଭାବର ଆଦାନ ପ୍ରଦାନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିଛି।

ପରସ୍ପରକୁ ନିକଟତର କରାଇବାର ବୁଝିବାର ଏବଂ ବୁଝାଇବାର ମାଧ୍ୟମକୁ କୁହନ୍ତି ଗଣମାଧ୍ୟମ। ଗଣମାଧ୍ୟମ କୌଣସି ଦେଶର ଶାସନ କ୍ଷେତ୍ରରେ ଚତୁର୍ଥ ସ୍ତମ୍ଭ। ଗଣମାଧ୍ୟମ କହିଲେ ସମ୍ବାଦ ଗ୍ରହଣ, ପ୍ରଚାର ଏବଂ ପରିବେଷଣକୁ ବୁଝାଏ। ଆମେ ଜାଣିଥିବା ଏବଂ ପଢୁଥିବା ଖବରକାଗଜ, ଆକାଶବାଣୀ, ପତ୍ରପତ୍ରିକା, ପ୍ରାଚୀରପତ୍ର, ପାଲା, ଦାସକାଠିଆ, ନାଚ, ଥିଏଟର, ସିନେମା, ଚକୁଳିଆ ପଣ୍ଡା ଗୀତ ଏବଂ ଜାନୁଘଣ୍ଟିଆର ବାଣୀ ଅଥବା ପୁରାଣ କାହାଣୀ ଏସବୁ ଗଣମାଧ୍ୟମର ତାଳପତ୍ର ସଦୃଶ। ତେବେ ସଂକ୍ଷେପରେ ଏହାକୁ ଉକ୍ତି ବାଚକ, ଲିଖିତ, ଶ୍ରୁତି ବାଚକ, ଦର୍ଶନ ସୂଚକ, ତଥା ଦୃଶ୍ୟ-ଶ୍ରାବ୍ୟ ଏହି ପ୍ରକାର ବିଭିନ୍ନ ଭାବରେ ବିଭକ୍ତ କରାଯାଇପାରେ।

ଦୂରଦର୍ଶନ ଦୃଶ୍ୟ-ଶ୍ରାବ୍ୟର ମାଧ୍ୟମ ଅର୍ଥାତ୍ ଏକ ସମୟରେ ଘଟୁଥିବା ଘଟଣା ବା କାହାଣୀମାନ ଦେଖିହୁଏ ଏବଂ ଶୁଣିହୁଏ। ମହାଭାରତରୁ ଜାଣିଛୁ ଅନ୍ଧ ଧୃତରାଷ୍ଟ୍ରଙ୍କୁ ସଂଜୟ କୁରୁକ୍ଷେତ୍ରରେ ଚାଲିଥିବା ଯୁଦ୍ଧର ବିବରଣୀ ଯୋଜନ ଯୋଜନ ଦୂରରେ ରହି ଶୁଣାଉଥିଲେ। ଏହିଦୃଷ୍ଟିରୁ ସେ ଦୂରଦର୍ଶନ କାର୍ଯ୍ୟ କରୁଥିଲେ। ଏହା କେତେଦୂର ଦିବ୍ୟଦୃଷ୍ଟି ଥିଲା ତାହା ଆମ ଚିନ୍ତାର ବାହାରେ ଅଥଚ- ଆମେ ଆଜି ଏହାକୁ ଅସ୍ୱୀକାର କରିପାରୁନାହୁଁ କାରଣ ଆମେ ସଂଜୟଙ୍କୁ ଟପି ଯାଇଛୁ।

ଦୂରଦର୍ଶନ ବିଭିନ୍ନ ଉପାୟରେ ଆମକୁ ସାହାଯ୍ୟ କରିଥାଏ। ଏହା ବିଶ୍ୱ ସଂପର୍କରେ ଲୋକମାନଙ୍କୁ ଶିକ୍ଷା ଦେଇଥାଏ; ବିଶ୍ୱର ବିଭିନ୍ନ ସମସ୍ୟା ଏବଂ ତାର ବାସ୍ତବ କାହାଣୀ ଯାହା ତତ୍‌କ୍ଷଣିକ ଘଟି ଚାଲିଛି ସେଗୁଡିକ ଆମକୁ ଦେଖାଇଥାଏ ଏବଂ ଶୁଣାଇଥାଏ। ଏହା ଗଣମାଧ୍ୟମର ସର୍ବୋତ୍ତମ ସଂବାଦ ପ୍ରଚାର ଏବଂ ପ୍ରଘଟକାରୀ ଏକ ଯନ୍ତ୍ର ଯାହା ଆମ ପୃଥିବୀର ଯେକୌଣସି କୋଣରେ ଘଟିଯାଉଥିବା ଦୃଶ୍ୟ ବା କାହାଣୀକୁ ଆମ ଘରେ ବସି ଦେଖିପାରୁଛୁ ଏବଂ ତାର ଅଂଶୀଦାର ହୋଇପାରୁଛୁ; ଏହା ମାଧ୍ୟମରେ ଆମେ ଆମର ସ୍ୱାଧୀନ ଭାଷଣକୁ ବା ଭାବକୁ ବ୍ୟକ୍ତ କରିପାରୁଛୁ; ଏହା ବିଶ୍ୱ ସ୍ତରରେ ସାଂସ୍କୃତିକ କ୍ଷେତ୍ରରେ ନାନା ବିଭିନ୍ନତା ମାଧ୍ୟମରେ ଏକତାର ଭାବ ସୃଷ୍ଟି କରିଛି ଏବଂ ସର୍ବୋପରି ପୃଥିବୀରେ ଜଗତିକରଣ ପ୍ରକ୍ରିୟାରେ ବିଭିନ୍ନ



ପ୍ରକାର ସମସ୍ୟାର ଉତ୍ପତ୍ତି , ଗତି, ଏବଂ ସମାଧାନର ସୂତ୍ର ବାହାର କରିବାରେ ସାହାଯ୍ୟ କରିପାରୁଛି। ବିଶେଷ କରି ପୃଥିବୀରେ ଶାନ୍ତି, ନିରାପତ୍ତା, ଅର୍ଥନୈତିକ ସ୍ଥିତି ପ୍ରଗତି ସାମାଜିକ ଉନ୍ନତି ଏବଂ ସାଂସ୍କୃତିକ ଭାବର ବିନିମୟ ପାଇଁ ଏହା ବିଶେଷ ସହାୟକ ହେଉଛି। ଏହାର ଆବଶ୍ୟକତା ଶିଶୁଠାରୁ ବୃଦ୍ଧଯାଏଁ କିଏ ଯେ ଉପଲବ୍‌ଧି ନକରୁଛି, ତାହା ଅସ୍ୱୀକାର କରିହେବ ନାହିଁ।

ଆମ ପାଇଁ ଏହାର ଆବଶ୍ୟକତା ଅତୁଳନୀୟ। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ଜାତିସଂଘର ସାଧାରଣ ସଭାଦ୍ୱାରା ୧୯୯୬ ଡିସେମ୍ବର ୨୧ ତାରିଖରେ "ଦୂରଦର୍ଶନ" ଦିବସ ପାଳନାର୍ଥେ ଏକ ନିଷ୍ପତ୍ତି ନିଆଗଲା। ସେବେଠୁ ବିଶ୍ୱ ଦୂରଦର୍ଶନ ଦିବସ ପାଳିତ ହୋଇଆସୁଅଛି। ଏହା ଆଧୁନିକ ସଭ୍ୟତା ପାଇଁ ଏକ ନୂତନ ଗଣମାଧ୍ୟମ। ଏହା ସାରା ବିଶ୍ୱକୁ ସଂକୁଚିତ କରିବାରେ ତଥା ପ୍ରତ୍ୟେକଙ୍କୁ ଏ ବିଶ୍ୱର ଏକ ଅଂଶୀଦାର ଭାବେ ବିବେଚନା କରିବାକୁ ନିଶ୍ଚିତ କରାଇଛି। କହିବା ବାହୁଲ୍ୟ ଯେ ସୂର୍ଯ୍ୟଙ୍କ ପାଖରେ ଲଣ୍ଠନ ବତୀଟିଏ ଯେପରି ଗୁରୁତ୍ୱ ହରାଇଥାଏ, ସେହିପରି ସାଂପ୍ରତିକ ଦୂରଦର୍ଶନ ବା ଟିଭି କାରଣରୁ ଆକାଶବାଣୀ ଯିଏ ଏକଦା ପ୍ରଭାବ ବିସ୍ତାର କରିଥିଲା, ସିଏ ମଉଳିଗଲାଣି । ଅନେକଙ୍କ ଘରେ ସମ୍ବାଦପତ୍ର ଆଉ କେହି କିଣନ୍ତି ନାହିଁ; କେହି ସିନେମା, ନାଚ, ଥିଏଟର ଇତ୍ୟାଦି ମନୋରଂଜନ କାର୍ଯ୍ୟକ୍ରମକୁ ଯାଆନ୍ତି ନାହିଁ; ଖେଳ ପଡିଆରେ କେହି କ୍ରିକେଟ ବା ଫୁଟବଲ ବା କବାଡି ଦେଖନ୍ତି ନାହିଁ। ମହାକାଶଯାନର ଉତ୍ତୋଳନ ବା




କୌଣସି ଦୁର୍ଘଟଣାର ଚାକ୍ଷୁଷ ପ୍ରମାଣ ପାଇଁ କେହି ଦଉଡି ଯାଆନ୍ତି ନାହିଁ। ସେ ସବୁ ଆମ ହାତପାଆନ୍ତିରେ ଆମରି ପାଖରେ ଯଦି ଟିଭିଟିଏ ଅଛି ପଂହଚିଯାଉଛି। ଜୀବନର ଏମିତି କିଛି ଖୋଜିବା ବି ଲୋଡିବା କଥାନାହିଁ ଯାହା ଦୂରଦର୍ଶନ ମାଧ୍ୟମରେ ଆମେ ପାଇନଥାଉ।

ଏ ସମସ୍ତ କଥାକୁ ଉପଲବ୍‌ଧି କରି ଜାତିସଂଘ ଦ୍ୱାରା ନିର୍ଦ୍ଦିଷ୍ଟ ହୋଇଥିବା ୨୧ ନଭେମ୍ବରକୁ 'ବିଶ୍ୱ ଦୂରଦର୍ଶନ ଦିବସ' ରୂପେ ପାଳନ କରିବା ହିଁ ଯଥାର୍ଥ ।

*-ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର, ଜଟଣୀ, ଦୂରଭାଷ: ୯୯୩୮୩୪୧୩୮*

# ଚାଷୀଙ୍କ ବ୍ୟାଙ୍କ ଖାତାକୁ କେବେ ବୀମା କ୍ଷତିପୂରଣ ଏବଂ ଇନପୁଟ ସବସିଡି ଟଙ୍କା ଯିବ ?



ଭୁବନେଶ୍ୱର (ପିଏନ୍)- ରାଜ୍ୟରେ ୧୨ଟି ଜିଲା ଏବଂ ୬୪ଟି ବ୍ଲକରେ ୨୦୨୧ ମସିହାରେ କୃଷକମାନଙ୍କର ମରୁଡ଼ି ଜନୀତ ଫସଲହାନୀ ଘଟିଥିଲା। ରାଜ୍ୟ ସରକାରଙ୍କର ପ୍ରଦତ୍ତ ନିୟମ ଅନୁସାରେ କୃଷକମାନଙ୍କୁ ୨୦୨୧ ଖରିଫ ଋତୁର ଦୁଇମାସ ଭିତରେ କ୍ଷତିପୂରଣ ଭରଣ କରାଯିବା କଥା। କ୍ଷୟକ୍ଷତି ଆକଳନ ହୋଇସାରିଲା ପରେ ମଧ୍ୟ ରାଜ୍ୟ ସରକାର କ୍ଷୟକ୍ଷତିର ଇନ୍‌ପୁଟ ସବସିଡ୍ ବର୍ଷ ବର୍ଷ ଧରି ଦେଲେ ନାହିଁ ଏବଂ ଠିକ୍ ପଦ୍ମପୁର ଉପନିର୍ବାଚନର ତାରିଖ ଘୋଷଣା ହେବାପରେ ନବୀନ ସରକାର ୨୦୦ କୋଟି ଟଙ୍କାର ଇନପୁଟ ସବସିଡି ଘୋଷଣା କରିବା ଏହା ତାଙ୍କର କୃଷକମାନଙ୍କ ପ୍ରତି କେତେ ଦରଦ ଓ ସହାନୁଭୂତି ଅଛି ତାହା ସ୍ପଷ୍ଟ ଅନୁମେୟ। ପଦ୍ମପୁରର କୃଷକମାନେ ଦୀର୍ଘ ୧୪ମାସ ଧରି ତାଙ୍କର କ୍ଷୟକ୍ଷତିର ଭରଣା ପାଇଁ ଏବଂ ପ୍ରାପ୍ୟ ବୀମା ରାଶି ପାଇବାପାଇଁ ଆନ୍ଦୋଳନ ଜାରି ରଖିଛନ୍ତି ଏ କଥାକୁ ରାଜ୍ୟ ସରକାର ଭଲଭାବରେ ଜାଣିଛନ୍ତି। କିନ୍ତୁ ପଦ୍ମପୁରର କୃଷକମାନଙ୍କ ସମସ୍ୟାକୁ ସମାଧାନ କରିବାପାଇଁ କେବେ ତତ୍ପରତା ଦେଖେଇଲେ ନାହିଁ। ଅନୁରୂପ ଭାବରେ କେନ୍ଦ୍ର ସରକାରଙ୍କର ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ ରାଜ୍ୟର କୃଷକମାନେ ବୀମା ରାଶି ଭରଣ କରିଥିଲେ। କିନ୍ତୁ ୨୦୨୧ ମସିହା ଖରିଫ ସିଜନ୍‌ରେ କୃଷକମାନଙ୍କର ଯେଉଁ କ୍ଷୟକ୍ଷତି ଘଟିଲା ସେ କ୍ଷୟକ୍ଷତିକୁ ବୀମା କମ୍ପାନୀମାନେ ଭରଣା କରିବା ପରିବର୍ତ୍ତେ ବୀମା ଦାବିକୁ ଅଗ୍ରାହ୍ୟ କରିଦେଲେ। କୃଷକମାନେ ବୀମା କମ୍ପାନୀର ଏହି ଅନ୍ୟାୟ ବିରୋଧରେ ୧୪ମାସ ଧରି ଆନ୍ଦୋଳନ କରି ଆସୁଛନ୍ତି। ରାଜ୍ୟରୁ ତିନି ତିନି ଜଣ ଟାଣୁଆ କେନ୍ଦ୍ରମନ୍ତ୍ରୀ ଅଛନ୍ତି ଏବଂ ବହୁ ସାଂସଦ ମଧ୍ୟ ଅଛନ୍ତି କିନ୍ତୁ କେବେହେଲେ ଏ କଥାକୁ ନେଇ କେନ୍ଦ୍ର କୃଷି ମନ୍ତ୍ରୀଙ୍କ ପାଖରେ ଦାବୀ ଉପସ୍ଥାପନ କରାଗଲା ନାହିଁ ଏବଂ କୃଷକମାନଙ୍କୁ ବୀମାରାଶି ମିଳିଲା ନାହିଁ। ବରଗଡ଼ ଜିଲ୍ଲା ଓଡ଼ିଶାର ଭାତ ହାଣ୍ଡି। ଯଦି ପ୍ରକୃତରେ ବିଜେଡ଼ି ଓ ବିଜେପି କୃଷକମାନଙ୍କର ସମସ୍ୟାପାଇଁ ସାମାନ୍ୟ ଭାବରେ ଚିଂତ ଥା'ନ୍ତେ ତାହାହେଲେ ୧୪ ମାସ ଆନ୍ଦୋଳନ ହୋଇନଥାନ୍ତା। ବର୍ଷକୁ ବର୍ଷ ଧାନ କିଣିବାର ଚାଷୀମାନଙ୍କର କୋଟା କମି କମି ଯାଉଛି। ଏ ବାବଦରେ ଥରୁଟିଏ ଉଭୟ ଦଳ ପ୍ରତିବାଦ କରୁନାହାଁନ୍ତି। ଧାନ ପ୍ରତିବର୍ଷ ଓଡ଼ିଶାରୁ କେତେ କିଣାଯିବ ତାହା କେନ୍ଦ୍ର ସରକାର ସ୍ଥିର କରୁଛନ୍ତି। ଧାନର ଉତ୍ପାଦନ ବର୍ଷକୁ ବର୍ଷ ବଢୁଛି କିନ୍ତୁ କୃଷକମାନଙ୍କ ପାଖରୁ ସମସ୍ତ ଧାନ କିଣିବା ପରିବର୍ତ୍ତେ ମାତ୍ର ନିର୍ଦ୍ଧାରିତ କ୍ୱିଂଟାଲ କିଣାଯାଉଛି। ଫଳରେ କୃଷକମାନେ ଉପଯୁକ୍ତ ପ୍ରାପ୍ୟ ପାଉନାହାଁନ୍ତି ଏକଥା ତ ଉଭୟଙ୍କୁ ଜଣା। ଏଠି ଉଭୟ ଦଳ କୃଷକଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ପଂଚାନନ କାନୁନଗୋ କହିଛନ୍ତି। ସାମ୍ବାଦିକ ମାନଙ୍କୁ ସମ୍ବୋଦ୍ଧିତ କରି କହିଲେଯେ ଉଭୟ ଦଳ ପଦ୍ମପୁର ଉପନିର୍ବାଚନରେ ଭୋଟ ହାତେଇବା କୃଷକମାନଙ୍କୁ ଭୂଆଁ ବୁଲାଉଛନ୍ତି। ପଦ୍ମପୁର ନିର୍ବାଚନ ମଣ୍ଡଳୀରେ ୮୭ ଭାଗ ଭୋଟର ହେଉଛନ୍ତି କୃଷକ। ଏପଟେ ରାଜ୍ୟରେ କଳି କିନ୍ତୁ ଗୁଜୁରାଟ ନିର୍ବାଚନରେ କୋଳାକୋଳି। ବିଜୁ ଜନତା ଦଳର ସଭାପତି ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମହୋଦୟ କହିବେକି, କାହିଁକି ଓଡ଼ିଶାର ଶ୍ରମ ଓ ନିଯୋଜନ ମନ୍ତ୍ରୀ ଶ୍ରୀଯୁକ୍ତ ଶ୍ରୀକା' ସାହୁଙ୍କୁ ଗତ ୧୬ ତାରିଖରୁ ଆସ'। ୨୪ ତାରିଖ ପର୍ଯ୍ୟ' ଗୁଜୁରାଟକୁ ପଠାଇଛନ୍ତି। ମନ୍ତ୍ରୀ ମହୋଦୟ ଗୁଜୁରାଟରେ ଆପଣଙ୍କ ସହଯୋଗୀ ବିଜେପି ପାଇଁ ସେଠି ଭୋଟ ପ୍ରଚାର କରୁଛନ୍ତି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଆପଣଙ୍କ ଜିଲ୍ଲାରୁ ଲକ୍ଷ ଲକ୍ଷ ଲୋକ ଗୁଜୁରାଟର ସୁରଟରେ ସୂତାକଳରେ ଦାଦନ ଖଟୁଛନ୍ତି। ସେମାନଙ୍କ ଭୋଟକୁ ବିଜେପି ଦଳ ପାଇଁ ହାତେଇବା ପାଇଁ ପ୍ରଚାର କରୁଛନ୍ତି କି ? ତେଣୁ ଆପଣ ଏ କଥାକୁ ଜନସାଧାରଣଙ୍କ ସମ୍ମୁଖରେ ସ୍ପଷ୍ଟ କରନ୍ତୁ। ତେଣୁ ଦୁଇଦଳ ଏଠାରେ ମିଛରେ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ବିଜେଡ଼ି ଓ ବିଜେପି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଶ୍ରୀ କାନୁନଗୋ ରାଜ୍ୟ ସରକାରଙ୍କ ପାଖରେ ଦାବି ରଖିଛନ୍ତି ଯେ ଅତିଶୀଘ୍ର କୃଷକମାନଙ୍କ ଖାତାକୁ ଇନ୍‌ପୁଟ ସବସିଡ୍ ଓ କ୍ଷୟକ୍ଷତି ଜନିତ ବୀମାରାଶି ତୁର' ପଠାଇବା ପାଇଁ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟସରକାର ଘୋଷଣା କରନ୍ତୁ। ପୂର୍ବରୁ ଏଭଳି ବହୁବାର ନିର୍ବାଚନ ସମୟରେ ଲୋକଙ୍କୁ ଭେଳିକି ଦେଖାଇ ଠକିଛନ୍ତି। ଏଥର ବି ସେଇଚାଲ। ଯଦି ଅତିଶୀଘ୍ର କୃଷକମାନଙ୍କ ଅର୍ଥ ନମିଳେ ତାହାହେଲ କଂଗ୍ରେସ ଦଳ କୃଷକ ଆନ୍ଦୋଳନକୁ ଦୁର୍ବାର କରିବ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କିଷାନ ସେଲର ଅଧ୍ୟକ୍ଷ ଶ୍ରୀ ଅମିୟ କୁମାର ପଟ୍ଟନାୟକ ଏବଂ ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ରଜନୀ କୁମାର ମହାନ୍ତି ଉପସ୍ଥିତ ଥିଲେ।

# ଆଂଚଳିକ ବରିଷ୍ଠ ନାଗରିକ ମଂଚ ଚଣ୍ଡିଖୋଲ ପକ୍ଷରୁ ସାଧାରଣ ବୈଠକ



ଦର୍ପଣ (ପି.ଏନ): ଆଂଚଳିକ ବରିଷ୍ଠ ନାଗରିକ ମଂଚ ଚଣ୍ଡିଖୋଲ ଆନୁକୁଲ୍ୟରେ ନରସିଂହପୁରଠାରେ ସାଧାରଣ ବୈଠକ ସଭାପତି ଶେଷଦେବ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବେ ଯାଜପୁର ଆରକ୍ଷୀ ଅଧିକ୍ଷକ ରାହୁଳ ପି.ଆର, ସମ୍ମାନିତ ଅତିଥି ଭାବେ ଧର୍ମଶାଳା ଥାନା ଆରକ୍ଷୀ ନିରିକ୍ଷକ ରାକେଶ ତ୍ରୀପାଠୀ , ଆଂଚଳିକ ବରିଷ୍ଠ ନାଗରିକ ମଂଚ ସାଧାରଣ ସମ୍ପାଦକ ହେମନ୍ତ କୁମାର ସାମଲ, କୋଷାଧ୍ୟକ୍ଷ ଚିତରଂଜନ ମହାପାତ୍ର, ଉପସଭାପତି କ୍ଷୀରୋଦ ମାହାଲା, ପଣ୍ଡିତ ବିଜୟ କୁମାର କର, ଲକ୍ଷ୍ମୀଧର ସାହାଣୀ ପ୍ରମୁଖ ଯୋଗ ଦେଇଥିଲେ। ଯାଜପୁର ଏସ.ପିଙ୍କୁ ବିରିଷ୍ଠ ନାଗରିକ ମଂଚର କାର୍ଯ୍ୟକର୍ତ୍ତାମାନେ ସଭାମଂଚକୁ ପାଛୋଟି ଆଣି ଉତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ବରିଷ୍ଠ ନାଗକରୀକମାନେ ଏଟି.ଏମ୍‌ରୁ ଟଙ୍କା ଉଠାଇବାକୁ ଯିବା ସମୟରେ ସାଇବର ଠକ ହାବୁଡ଼ରେ ପଡ଼ି ଏଟି.ଏମ୍‌ରୁ ଉଠାଇବା ଟଙ୍କା ଆଣିବା ପରେ ସାଇବର ଠକମାନେ ଅନ୍ୟ ସମସ୍ତ ଟଙ୍କାକୁ ଉଠାଇନେଇଯାଉଛନ୍ତି। ଯେଉଁଥିରେ ବରିଷ୍ଠ ନାଗରିକମାନେ ବଡ଼ ଅସୁବିଧାରେ ପଡୁଛନ୍ତି। ସାଇବର ଠକମାନେ ବ୍ୟାଙ୍କ ଜମାକାରୀଙ୍କୁ ମିଥ୍ୟା ଟେଲିଫୋନ୍ କରି ବ୍ୟାଙ୍କ ଅଫିସର କହୁଛି କହି ସେମାନଙ୍କ ଠାରୁ ବ୍ୟାଙ୍କ ଆକାଉଂଟ ନମ୍ବର, ଆଧାର ନମ୍ବର ଓ ଆଧାର ସହିତ ଫୋନ୍ ନମ୍ବର ଲିଙ୍କ ଅଛି ନା କଣ ପଚାରୁ ବ୍ୟାଙ୍କର ସେହି ଆକାଉଂଟରୁ ହରିଲୁଟ୍ କରିଚାଲିଛନ୍ତି। ସେଥିପାଇଁ ବରିଷ୍ଠ ନାଗରିକମାନେ ସାଇବର ଠକ ହାବୁଡ଼ରେ ନପଡ଼ିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ରାଜ୍ୟ ସରକାର ବରିଷ୍ଠ ନାଗରିକମାନଙ୍କୁ ସୁରକ୍ଷା ଦେବା ପାଇଁ ଯେଉଁ ନିୟମ ଲାଗୁ କରିଛନ୍ତି ସେ ନିୟମକୁ ସମସ୍ତ ପୋଲିସ ଅଧିକାରୀମାନେ ପାଳନ କରିବେ ବୋଲି ଏସ.ପି. ଶ୍ରୀ ରାହୁଲ ସମସ୍ତ ବରିଷ୍ଠ ନାଗରୀକମାନଙ୍କୁ ପ୍ରତିଶୃତି ଦେଇଥିଲେ। ସମ୍ମାନୀତ ଅତିଥି ଧର୍ମଶାଳା ଥାନାଧିକାରୀ ୮୦ବର୍ଷର ଉର୍ଦ୍ଧ ୬ଜଣ ବରିଷ୍ଠ ନାଗରୀକଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଚଣ୍ଡିଖୋଲକୁ ସବ୍‌ଡ଼ିଭିଜନର ମାନ୍ୟତା ଦେବା ପାଇଁ ସରକାରଙ୍କ ନିକଟରେ ବରିଷ୍ଠ ନାଗରୀକ ମଂଚ ପକ୍ଷରୁ ଦୃଢ ଦାବୀ କରାଯାଇଅଛି। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମାନନ୍ଦ ଦାସ, ଶିବରାମ ସାହୁ, ପୂର୍ବତନ ପଂଚାୟତ ସମିତି ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ସାହୁ, ଜିଲ୍ଲା କ୍ରସର ମହାସଂଘ ସଭାପତି ଚନ୍ଦନ କୁମାର ନାୟକ, ଉପଦେଷ୍ଟା ଦୁଃଖିଶ୍ୟାମ ସାହୁ, ସନ୍ତୋଷ ବିଶ୍ୱାଳ, କ୍ରୀର୍ତନ ବେହେରା, ସେକ୍ କରାମତ୍ ଅଲ୍ଲୀ, ଯୋଗେନ୍ଦ୍ର ରାଉତ, ଅନନ୍ତ ଚରଣ ରାଉତ, ଇଶ୍ୱର ସାମଲ, କୃଷ୍ଣ ଚନ୍ଦ୍ର ଜେନା, ପୁର୍ଣ୍ଣଚନ୍ଦ୍ର ସାହାଣୀ, ନୃସିଂହ ସାମଲ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ନରସିଂହପୁର ଗ୍ରାମର ଅଧିବାସୀ ଓ ଯୁବକ ସଂଘର ସମସ୍ତ ଛାତ୍ର ଓ ଯୁବକମାନେ ଉତ୍ସବକୁ ସମ୍ପୁର୍ଣ୍ଣ ଭାବେ ସହଯୋଗ କରିଥିଲେ। ଶେଷରେ ଉପସଭାପତି ଖୀରୋଦ ମାହାଲା ଧନ୍ୟବାଦ ଅର୍ପଣ କରିଥିଲେ।

## ପୁରୀ ଜିଲ୍ଲାପାଳଙ୍କ ସହ ଓଜେୟୁର ସାକ୍ଷାତ ଆଲୋଚନା



ସମ୍ବଲପୁର (ପିଏନ୍): ପୁରୀ ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ସହିତ ଓଡିଶା ସାମ୍ବାଦିକ ସଂଘ (ଓଜେୟୁ) ସମ୍ବଲପୁର ଜିଲ୍ଲା ଶାଖାର କର୍ମକର୍ତ୍ତାଙ୍କ ଗତ ଗୁରୁବାର ଏକ ଅନ୍ୟୋପଚାରିକ ସାକ୍ଷାତ ଆଲୋଚନା ହୋଇଥିଲା। ସଂଘର ସଦସ୍ୟଙ୍କ ପୁରୀ ଗସ୍ତ ବେଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହୋଇଥିବା ଏହି ଆଲୋଚନାରେ ସମର୍ଥ ବର୍ମା ତାଙ୍କ ସମ୍ବଲପୁର ଜିଲ୍ଲାପାଳ ଥିବା ସମୟରେ ଆରମ୍ଭ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସାମ୍ବାଦିକଙ୍କ ସହିତ ଆଲୋଚନା କରିଥିଲେ। ସଂଘର ଜିଲ୍ଲା ସାଧାରଣ ସମ୍ପାଦକ ସରୋଜ ସାହୁ, ରାଜ୍ୟ ଉପ ସଭାପତି ସୁଶାନ୍ତ ମହାପାତ୍ର, ବରିଷ୍ଠ ସଦସ୍ୟ ସାଧବ ପ୍ରଧାନ, ସନ୍ତୋଷ ସାହୁ, ସଞ୍ଜୟ ପାଗଡ଼, ପ୍ରଦୀପ ନାୟକ, ରବୀନ୍ଦ୍ର ପ୍ରଧାନ, ଦେବାଶିଷ ବେହେରା, ଆଦି ନନ୍ଦ, ମାନସ ସାହୁ, ସନ୍ଦୀପ ଶର୍ମାଙ୍କ ସମେତ ବରିଷ୍ଠ ସାମ୍ବାଦିକ ସୁଧାଂଶୁ ଶେଖର ମହାରଣା ସାମିଲ ଥିଲେ। ଏହି ଅବସରରେ ସଂଘ ପକ୍ଷରୁ ପୁରୀ ଜିଲ୍ଲାପାଳ ଶ୍ରୀ ବର୍ମାଙ୍କୁ ପୁଷ୍ପଗୁଚ୍ଛ, ସ୍ମୃତି ଫଳକ ଏବଂ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ବିଡିଏ କଲୋନୀରେ ନଅକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ଖୋର୍ଦ୍ଧା (ପିଏନ୍): ରବିବାର କାର୍ତ୍ତିକ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ସ୍ଥାନୀୟ ବକ୍ସି ଜଗବନ୍ଧୁ ନଗର ବିଡିଏ କଲୋନୀ ସ୍ଥିତ ଗାୟତ୍ରୀ ଶକ୍ତିପୀଠରେ ଊନବିଂଶତମ ବାର୍ଷିକ ନଅକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଚନ୍ଦ୍ରଶେଖରପୁର ଗାୟତ୍ରୀ ଶକ୍ତିପୀଠର ସକ୍ରିୟ କାର୍ଯ୍ୟକର୍ତ୍ତା ନବଘନ ଶତପଥୀ ପ୍ରବଚକ ଭାବେ ଯୋଗଦେଇ ଯଜ୍ଞର ପୁଣ୍ୟଫଳ ସଂପର୍କରେ ବ୍ୟାଖ୍ୟା କରିଥିଲେ। ମନୁଷ୍ୟ ମନ୍ଦ ପ୍ରବୃତ୍ତି ଛାଡ଼ି ଭଲ ପ୍ରବୃତ୍ତି ଗ୍ରହଣ କରିବା ପାଇଁ ଗାୟତ୍ରୀ ଯଜ୍ଞ ପ୍ରେରିତ କରିଥାଏ। ମା' ଗାୟତ୍ରୀ ହେଲେ ବେଦମାତା। ତାଙ୍କର ଆରାଧନା ସକାରାତ୍ମକ ବାତାବରଣ ସୃଷ୍ଟି କରେ ବୋଲି ଶ୍ରୀ ଶତପଥୀ କହିଥିଲେ। ଅନ୍ୟତମ ପ୍ରବଚିକା ଆରାଧନା ଶତପଥୀ ଓ ଉପାସନା ଶତପଥୀ ପ୍ରବଚନ, ଗଳ୍ପ ଓ ସଂଗୀତ ମାଧ୍ୟମରେ ଆଧ୍ୟାତ୍ମିକତା ଓ ବିଜ୍ଞାନ ସଂପର୍କରେ ବ୍ୟାଖ୍ୟା କରିଥିଲେ। କଳିଯୁଗର କଳୁଷିତ ବାତାବରଣକୁ ଦୂର କରିବାରେ ମହିଳା ଓ ଯୁବପିଢି ପ୍ରମୁଖ ଭୂମିକା ଗ୍ରହଣ କରିବା ପାଇଁ ସେମାନେ ଉଦ୍‌ବୋଧନ ଦେଇଥିଲେ। ସ୍ଥାନୀୟ ବିଧାୟକ ଜିତୁ ମିତ୍ରଙ୍କ ସମେତ ହଜାର ହଜାର ଶ୍ରଦ୍ଧାଳୁ ଏହି ମହାଯଜ୍ଞରେ ଉପସ୍ଥିତ ରହିଥିଲେ। ପୂର୍ଣ୍ଣାହୂତି ସମୟରେ ଯଜ୍ଞସ୍ଥଳ ଲୋକାରଣ୍ୟ ହୋଇଯାଇଥିଲା। ଏହି ଅବସରରେ ଗାୟତ୍ରୀ ସତ୍ ସାହିତ୍ୟର ପ୍ରଦର୍ଶନ କରାଯାଇଥିଲା। ଏହାପରେ ସାମୂହିକ ପ୍ରସାଦସେବନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ମହାଯଜ୍ଞରେ ଶକ୍ତିପୀଠର ମୁଖ୍ୟ ପୁରୋଧା ଇଂ. ପ୍ରମୋଦ କୁମାର ପୃଷ୍ଟି, ଉଲ୍ଲାସ ପୃଷ୍ଟି, ରବୀନ୍ଦ୍ର କୁମାର ପଟ୍ଟନାୟକ, ବୈକୁଣ୍ଠ ସାହୁ, ଡ. ଗୌରୀଶଂକର ପ୍ରହରାଜ, ବିଦ୍ୟାଧର ରାଉତ, ସତ୍ୟବାଦୀ ବଳିଆରସିଂହ, ବିଦ୍ୟାଧର ଲେଙ୍କା, ଜୟନ୍ତ ମିଶ୍ର, ଶତ୍ରୁଘ୍ନ ବିଷୋୟୀ, ପ୍ରହ୍ଲାଦ ବାରିକ, ପ୍ରଦ୍ୟୁମ୍ନ ନାଟୁଆ, ସେବତୀ ଭୂୟାଁ, ବିପ୍ରଚରଣ ବେଉରା, ଗୌରାଂଗ ଚରଣ ମଣ୍ଡଳ, ପ୍ରମୋଦ କୁମାର ସାହୁ, ଦେବରାଜ ଜେନା, ସମରେନ୍ଦ୍ର ବଳିଆରସିଂହ ତଥା ଗାୟତ୍ରୀ ପରିବାର ଓ ପତଂଜଳି ଯୋଗପୀଠର ସମସ୍ତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ ଅନୁଷ୍ଠିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ପୌରୋହିତ୍ୟରେ ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଖାଉଟି ସୁରକ୍ଷା ପରିଷଦର ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଖାଉଟି ସୁରକ୍ଷା ପରିଷଦର ସଭାପତି, କେନ୍ଦ୍ରାପଡା ବିଧାୟକଙ୍କ ପ୍ରତିନିଧି, ପାଟକୁରା ବିଧାୟିକାଙ୍କ ପ୍ରତିନିଧି, ରାଜନଗର ବିଧାୟକଙ୍କ ପ୍ରତିନିଧି, କେନ୍ଦ୍ରାପଡା, ମହାକାଳପଡା, ଗରଦପୁର ବ୍ଲକ ଅଧ୍ୟକ୍ଷ, କେନ୍ଦ୍ରାପଡା ପୌରପରିଷଦର ଅଧ୍ୟକ୍ଷା, ମାପଯନ୍ତ୍ର ଓ ବଜାର ନିୟନ୍ତ୍ରଣର ଜିଲ୍ଲା ଓ ରାଜ୍ୟ ସ୍ତରୀୟ ଅଧିକାରୀ ଓ ଉପଭୋକ୍ତାମାନେ ଉପସ୍ଥିତ ରହି ଉକ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ବୈଠକର ଆବାହକ ତଥା ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ସହ ଖାଉଟି ସୁରକ୍ଷା ସମ୍ପର୍କରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଖାଉଟି ସୁରକ୍ଷା ସଭାପତି ପ୍ରବୋଧ କୁମାର ଦାଶ କିପରି ଖାଉଟିଙ୍କ ସୁରକ୍ଷା ନିମନ୍ତେ ଜିଲ୍ଲା, ରାଜ୍ୟ ଓ କେନ୍ଦ୍ର ସ୍ତରରେ କମିଶନମାନ ଗଠନ କରାଯାଇଛି ଏବଂ ଜଣେ ସାଧାରଣ ଖାଉଟି ଏହାର ସଦୁପଯୋଗ କରି ନିଜର ହକ ପ୍ରାପ୍ତ କରିପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସେ ଜଣେ ବୋଲେରୋ ହିତାଧିକାରୀ କିପରି ତାଙ୍କ ଗାଡିର ଚେଚିସ ଖରାପ ହୋଇଯିବାରୁ ସେ ମହିନ୍ଦ୍ରା କମ୍ପାନୀ ଠାରୁ ତାଙ୍କର କ୍ଷତିପୂରଣ ପାଇପାରିଲେ ଏକ ସୁନ୍ଦର ଉଦାହରଣ ମାଧ୍ୟମରେ ଘଟଣା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହା ପରେ ଓଜନ ଓ ମାପଯନ୍ତ୍ରର ଅଧିକାରୀ କିପରି ଭାବରେ ଜଣେ ହିତାଧିକାରୀ ହାତ ମାପ ଯନ୍ତ୍ର ଓ ଯାନ୍ତ୍ରିକ ମାପ ଯନ୍ତ୍ରର ଅନୀୟମୀତତାର ଠକାମିରେ ଶିକାର ନହେବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ମର୍ମରେ ରାଜ୍ୟ ଉପଭୋକ୍ତା ଅଧ୍ୟକ୍ଷ ବଂଶୀଧର ଆଚାର୍ଯ୍ୟ କିପରି ଜଣେ ସାଧାରଣ ଉପଭୋକ୍ତା ଖାଦ୍ୟ ଦୂଷିତ କରଣ, ମାପ ଠକାମୀ ପରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ଏବଂ ଏଥିରୁ ନିସ୍ତାର ପାଇବା ପାଇଁ ଉପଭୋକ୍ତାମାନଙ୍କୁ ସଚେତନତା କରିବା ସହିତ ଶିକ୍ଷିତ କରିବା ଏବଂ ଅଧିକାରୀମାନଙ୍କୁ ନେଇ ପଞ୍ଚାୟତ ସ୍ତରରୁ ଆରମ୍ଭ କରି ଜିଲ୍ଲା ସ୍ତର ପର୍ଯ୍ୟନ୍ତ ତଦାରଖ କରିବାର ବ୍ୟବସ୍ଥା ରଖିବା ପାଇଁ ପ୍ରସ୍ତାବ ରଖିଥିଲେ। ଏହି ଆଲୋଚନାରେ ଖାଉଟି ସୁରକ୍ଷା ପରିଷଦ ସଦସ୍ୟ ଜୟଦେବ ସିଂ ପେଟ୍ରୋଲ ପମ୍ପରେ ଆବଶ୍ୟକୀୟ ବ୍ୟବସ୍ଥାର ବିଚ୍ୟୁତି, ରାସ୍ତାରେ ଯାଉଥିବା ତେଲ ଗାଡିରେ ତେଲ ଚୋରି ବିଷୟରେ ଦୃଷ୍ଟି ଆକର୍ଷଣ କରିଥିଲେ। ଗରଦପୁର ଅଧ୍ୟକ୍ଷ ଜେନେରିକ ଔଷଧର ପ୍ରକୃତ ମୂଲ୍ୟ ଏବଂ ମଦରେ ଦିଆଯାଉନଥିବା ରସିଦ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ଅନ୍ୟ ଉପସ୍ଥିତ ସଦସ୍ୟମାନେ ଆଲୋଚନାରେ ଭାଗନେଇ ଖାଉଟି ସୁରକ୍ଷା ଉପରେ ସେମାନଙ୍କର ସୁଚିନ୍ତିତ ମତାମତ ଦେବା ସହ କିପରି ଜିଲ୍ଲା, ରାଜ୍ୟ ଏବଂ କେନ୍ଦ୍ରରେ ଥିବା କମିଶନ ପରି ସଂସ୍ଥା ପଞ୍ଚାୟତ ଓ ବ୍ଲକ ସ୍ତରରେ ପ୍ରଚଳନ ହୋଇପାରିବ ଏବଂ ଜଣେ ସାଧାରଣ ଖାଉଟି ଯେପରି ଜିଲ୍ଲା ପର୍ଯ୍ୟନ୍ତ ନଯାଇ ତୃଣମୂଳ ସ୍ତରରେ ଏହାର ସଦୁପୋଯୋଗ କରିପାରିବ ତାହାର ସୁବ୍ୟବସ୍ଥା କରିବା ପାଇଁ ମତ ରଖିଥିଲେ। ରାଜ୍ୟରୁ ଆସିଥିବା ଯୁଗ୍ମ ସଚିବ ପ୍ରକାଶ କରିଥିଲେ ଯେ ଖାଉଟି ସୁରକ୍ଷାର ପ୍ରଚାର ଓ ପ୍ରସାର ନିମନ୍ତେ ଆବଶ୍ୟକୀୟ ଅର୍ଥ ସିକା ପକ୍ଷରୁ ଖୁବ ଶୀଘ୍ର ଯୋଗାଇ ଦିଆଯିବ। ଖାଦ୍ୟ ସୁରକ୍ଷା ଅଧିକାରୀ, ଉପଭୋକ୍ତାମାନେ କିପରି ସ୍ୱାସ୍ଥ୍ୟକର ଖାଦ୍ୟ ପଦାର୍ଥ ପାଇପାରିବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ବଜାର ନିୟନ୍ତ୍ରକ ଅଧିକାରୀ କଟକ ଜିଲ୍ଲାରେ ବିଭିନ୍ନ ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ ଗଠନ କରି ଅସାଧୁ ଉପାୟରେ ଖାଦ୍ୟ ମହଜୁଦ କରି ଦରଦାମ ବୃଦ୍ଧି ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବୈଠକରେ ଅବଗତ କରାଇଥିଲେ। ଏହି ବୈଠକରେ ଉପସ୍ଥିତ ଥିବା ଖାଉଟି ଓ ଅନ୍ୟ ସଦସ୍ୟମାନଙ୍କ ପ୍ରଶ୍ନର ଉତ୍ତର ଗୁଡିକୁ ଜିଲ୍ଲା ଓ ରାଜ୍ୟର ଅଧିକାରୀମାନେ ସୁନ୍ଦର ଓ ସରଳ ଭାବରେ ପ୍ରଦାନ କରିଥିଲେ। ଏହି ମର୍ମରେ ଜିଲ୍ଲା ଖାଉଟି ସୁରକ୍ଷା ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କ କଥାକୁ ତର୍ଜମା କରି କିପରି ଜଣେ ଖାଉଟି ଭବିଷ୍ୟତରେ ଠକାମୀର ଶିକାର ନହେବ ଏବଂ ସଠିକ ପରିମାଣ ଓ ମାନର ଖାଦ୍ୟ ଖାଇ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହେବା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଶେଷରେ ବେସାମରିକ ଯୋଗାଣ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ।




# ଗୋପବନ୍ଧୁ ଚୌଧୁରୀ



**ଗୋ**ପବନ୍ଧୁ ଚୌଧୁରୀ ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ଗାନ୍ଧିବାଦୀ ନେତା ଥିଲେ। ସେ କଟକରେ ୮ ମଇ ୧୮୯୫ ମସିହାରେ ଜନ୍ମଗ୍ରହଣ କରିଥିଲେ। ଗୋପବନ୍ଧୁ ଯେଉଁଘରେ ଜନ୍ମ ଗ୍ରହଣ କରିଥିଲେ, ସେ ଘର ପରବର୍ତ୍ତୀ ସମୟରେ ସ୍ୱରାଜ ଆଶ୍ରମରେ ପରିଣତ ହୋଇଥିଲା। କଲିକତାରେ ସେ ଆଇନ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ୧୯୧୭ ମସିହାରେ କଟକର ଡେପୁଟି ମାଜିଷ୍ଟ୍ରେଟ ରୂପେ ଅବସ୍ଥାପିତ ହୋଇଥିଲେ। ୧୯୨୦ ମସିହାରେ ଭୀଷଣ ନଈବଢ଼ି ସମୟରେ ଗୋପବନ୍ଧୁ ବନ୍ୟ ପ୍ରପୀଡ଼ିତ ଅଞ୍ଚଳରେ ସରକାରଙ୍କୁ ଅଧିକ ସାହାଯ୍ୟ କରିବା ପାଇଁ ଦାବି ଜଣାଇଥିଲେ। ବ୍ରିଟିଶ ସରକାର ତାଙ୍କର ଦାବି ଅଗ୍ରାହ୍ୟ କରିଦେବାରୁ ସେ ସରକାରୀ ଚାକିରୀରୁ ଇସ୍ତଫା ପ୍ରଦାନ କରିଥିଲେ। ତାପରେ ସେ ସତ୍ୟବାଦୀ ଯାଇ ଗୋପବନ୍ଧୁଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ। କଂଗ୍ରେସରେ ଯୋଗଦାନ, ଗାନ୍ଧିନୀତି ଅନୁସରଣ, ଖଦଡ଼ ଲୁଗା



ପିନ୍ଧିବା, ଆଶ୍ରମ ଓ ଦରିଦ୍ର ନାରାୟଣଙ୍କ ସେବା ଆଦି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ୧୯୨୧ ମସିହାରେ ଅଳକା ନଦୀ କୂଳରେ ପ୍ରଥମେ ଏକ ଶିକ୍ଷାନୁଷ୍ଠାନ ଓ ପରେ ଅଳକାଶ୍ରମ ପ୍ରତିଷ୍ଠା କରିଥିଲେ। ୧୯୩୪ ମସିହାରେ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ସେ ବରୀକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ଗ୍ରାମ ସଫେଇ, ନିଶା ନିବାରଣ, ପୌଢ଼ଶିକ୍ଷା, ହରିଜନ ସେବା, ମୌଳିକ ଶିକ୍ଷା ସହ ଗ୍ରାମ ଅର୍ଥନୀତିର ଉନ୍ନତି ପାଇଁ ଉଦ୍ୟମ କରିଥିଲେ। ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ପର୍ଯ୍ୟାୟ ଲବଣ ସତ୍ୟାଗ୍ରହ, ଅଗଷ୍ଟ ବିପ୍ଳବ ଓ ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ କାରାବରଣ କରିଥିଲେ। ୧୯୩୦ରେ ଇଞ୍ଚୁଡି ଲବଣ ସତ୍ୟାଗ୍ରହ ଓ ୧୯୪୨ରେ ଭାରତଛାଡ଼ ଆନ୍ଦୋଳନ ସତ୍ୟାଗ୍ରହ ବେଳେ ସେ ପୁଲିସ ଲାଠିଚାଳନାରେ ଆହତ ହୋଇ କଟକ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ସ୍ୱାଧୀନତା ପରେ ସେ ସନ୍ଥ ବିନୋବା ଭାବେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭୂଦାନ ଆନ୍ଦୋଳନରେ ସାମିଲ ହୋଇଥିଲେ। ଗୋପବନ୍ଧୁ ଚୌଧୁରୀଙ୍କ ଶେଷ ଜୀବନ କଟିଥିଲା କଟକର ଥୋରିଆ ସାହିରେ ଥିବା ଭୂଦାନ ଆଶ୍ରମରେ। ୨୯ ଅପ୍ରେଲ ୧୯୫୮ ମସିହାରେ ସେ ମୃତ୍ୟୁ ବରଣ କରିଥିଲେ।

**ଡଃ. ଅରୁନ୍ଧତୀ ଦେବୀ,** ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ: ୯୯୩୭୧୭୨୮୧୦

## ୬୩ ପ୍ରବଣ ଗାଁ ଉପରେ ପ୍ରଶାସନର ନଜର: ବାତ୍ୟା ମୁକାବିଲା ପାଇଁ ପ୍ରଶାସନ ତତ୍ପର

ବାଲେଶ୍ୱର (ପିଏନ୍)- ବଙ୍ଗପୋସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ବାତ୍ୟାର ପ୍ରଭାବକୁ ଦୃଷ୍ଟିରେ ରଖି ଏହାର ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ଜୋରଦାର ଦେଖାଇଥିବା ଜଣାପଡ଼ିଛି। ବାଲେଶ୍ୱର ଜିଲ୍ଲାର ସଦର, ବାହାନଗା, ରେମୁଣା, ଭୋଗରାଇ ଓ ବାଲିଆପାଳ ବ୍ଲକର ୬୩ଟି ଗାଁ ବାତ୍ୟା ଓ ବନ୍ୟାପ୍ରବଣ ହୋଇଥିବାରୁ ଏହି ଅଞ୍ଚଳରେ ଥିବା ୧୪୦ଟି ବହୁମୁଖୀ ଆଶ୍ରୟ ସ୍ଥଳ ବିଦ୍ୟାଳୟ ଗୁଡ଼ିକରେ ଲୋକଙ୍କୁ ରଖାଯିବା ଲାଗି ଆଗୁଆ ପ୍ରସ୍ତୁତ ରଖିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଛନ୍ତି। ଏକ ଲକ୍ଷ୍ୟ ୫୦ ହଜାରରୁ ଅଧିକ ଜନ ସଂଖ୍ୟା ବିଶିଷ୍ଟ ଏହି ଗ୍ରାମ ଗୁଡ଼ିକର ଜନ ସାଧାରଣ କୁ ପରିସ୍ଥିତ ଦେଖି ଆଶ୍ରୟ ସ୍ଥଳକୁ ସ୍ଥାନାନ୍ତର କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ବିଶେଷ କରି ବହୁମୂଖୀ ଆଶ୍ରୟ ସ୍ଥଳୀ ଗୁଡ଼ିକୁ ପ୍ରସ୍ତୁତ ରଖିବା ସେଥିରେ ଥିବା ସରଞ୍ଜାମକୁ ପ୍ରସ୍ତୁତ ରଖିବା, ଆବଶକୀୟ କର୍ମଚାରୀଙ୍କୁ ନିୟୋଜିତ କରିବା ଏବଂ ଲୋକମାନଙ୍କୁ ସଚେତନ କରାଇବାକୁ ଏସଆରଏସ ପରାମର୍ଶ ଦେଇଥିବା ଜଣାପଡ଼ିଛି। ଗତ ମେ ମାସରେ ହୋଇଥିବା ୟାସ୍ ବାତ୍ୟାରେ ଜିଲ୍ଲାରେ ୨୮ଟି ଲୁଣାବନ୍ଧ ନଷ୍ଟ ହୋଇଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ସେଥିରୁ ୯୦ ପ୍ରତିଶତ ମରାମତି କାମ ଶେଷ ହୋଇଥିବା ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି।

## ବାଉଁଶଗଡ ସରପଞ୍ଚଙ୍କ କାର୍ଯ୍ୟରେ ଗ୍ରାମବାସୀଙ୍କ ଅସନ୍ତୋଷ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ବ୍ଲକ ବାଉଁଶଗଡ ପଞ୍ଚାୟତ କାର୍ଯ୍ୟାଳୟର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବଦଳି ଦାବି କରିଛନ୍ତି ନବନିର୍ବାଚିତ ସରପଞ୍ଚ ସରସ୍ୱତୀ ସେଠୀ। ବାଉଁଶଗଡ ପିଇଓ ଶାଳବଣି ଓ ବାଉଁଶଗଡ ଦୁଇଟି ଦାୟୀତ୍ୱରେ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ସୁଫଳ ଭାବେ ଲୋକଙ୍କ ପାଖରେ ପହଞ୍ଚାଇବା ବେଳେ ନବନିର୍ବାଚିତ ସରପଂଚ ସରସ୍ୱତୀ ସେଠୀ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ବଦଳି ପାଇଁ ଆନନ୍ଦପୁର ବିଡିଓ ଓ ଉପଜିଲ୍ଲାପାଳ ଏବଂ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ କରିଥିବା ବେଳେ ବାଉଁଶଗଡ ପଂଚାୟତର ଗ୍ରାମବାସୀମାନେ ସରପଂଚଙ୍କ ଏଭଳି କାର୍ଯ୍ୟକୁ ନିନ୍ଦା କରିବା ସହିତ ଜଣେ ଦକ୍ଷ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ବେଶ୍ ପରିଚିତ ଥିବା କଳ୍ପନା ମୁଦୁଲିଙ୍କ ଅଭିଯୋଗକୁ ଭିତ୍ତି କରି ଗ୍ରାମବାସୀମାନେ ସରପଂଚଙ୍କୁ ବିରୋଧ କରିବା ସହିତ ବାଉଁଶଗଡ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ବଦଳି ନକରିବାକୁ ଦାବି କରିଛନ୍ତି। ସରପଂଚଙ୍କ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ବାବଦରେ ଅଭିଜ୍ଞତା ନଥିବା ବେଳେ ସରପଂଚ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ବିଭିନ୍ନ ଯୋଜନାରେ ଆସିଥିବା କାର୍ଯ୍ୟରେ ଦସ୍ତଖତ କରିବାକୁ କହୁଛନ୍ତି ହେଲେ ପିଇଓ ଉକ୍ତ କାର୍ଯ୍ୟକୁ ଯୋଗ୍ୟ ହିତାଧିକାରୀ ମାନଙ୍କ ପାଇଁ ଉଦ୍ଦିଷ୍ଟ ରହିଥିବା କହିଲେ ମଧ ସରପଂଚ ଜୋର ଜବରଦସ୍ତି ନିଜ ସମ୍ପର୍କୀୟଙ୍କୁ ଦେବାପାଇଁ କହୁଥିବା ଜଣାପଡିଛି। କାର୍ଯ୍ୟ ନିର୍ବାହୀ ଅଧିକାରୀ ଏହି ଘଟଣାକୁ ପ୍ରତ୍ୟାଖାନ କରିଥିବା ବେଳେ ଉକ୍ତ ଘଟଣାକୁ କେନ୍ଦ୍ର କରି ବାଉଁଶଗଡ ପଂଚାୟତର ଗ୍ରାମବାସୀମାନେ ସରପଂଚଙ୍କ ବିରୁଦ୍ଧରେ ଆଗାମୀ ଦିନରେ ବ୍ଲକ ଘେରାଉ କରିବା ସହିତ ରାସ୍ତାରୋକ କରିବା ନିମନ୍ତେ ଚେତାବନୀ ଦେଇଛନ୍ତି। ସରପଂଚଙ୍କ ସ୍ୱାମୀ ଜଣେ ସରକାରୀ କର୍ମଚାରୀ ହୋଇଥିଲେ ମଧ ସେ ଅଧିକାଂଶ ସମୟରେ ପଂଚାୟତ ଅଫିସ୍ ଓ ବ୍ଲକ କାର୍ଯ୍ୟରେ ଲିପ୍ତ ରହୁଥିବା ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ତେଣୁ ସରପଂଚଙ୍କ ବିରୁଦ୍ଧରେ ଏକ ବଡ ଆନ୍ଦୋଳନର ଚେତାବନୀ ବାଉଁଶଗଡର ବରିଷ୍ଠ ବିଜେଡି ନେତା ସନାତନ ଦେହୁରୀ, କାହ୍ନୁ ପାତ୍ର, ଅରୁଣ ଘଡେଇ, ରାଧିକା ଘଡେଇ, ଗୋବିନ୍ଦ ଜେନା, ପୂର୍ବତନ ସରପଂଚ ଦୟାନିଧି ଘଡେଇ, ବିଜେଡି ଯୁବନେତା ବବି ଘଡେଇ ଗଣମାଧମକୁ ପ୍ରତିକ୍ରିୟା ଦେଇଛନ୍ତି।

## କେନ୍ଦୁଝରର ମୁସଲିମ ସମାଜ ପକ୍ଷରୁ ପଣା ଓ ଥଣ୍ଡା ପାନୀୟ ବ୍ଣ୍ଟନ




କେନ୍ଦୁଝର (ପିଏନ୍): ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀ ଅବସରରେ କେନ୍ଦୁଝର ମୁସଲିମ ସମାଜ ପକ୍ଷରୁ ସିରାଜୁଦ୍ଦିନ ଛକଠାରେ ପଣା ଓ ଥଣ୍ଡା ପାନୀୟ ବ୍ଣ୍ଟନ କରାଯାଇଥିଲା। ମହାବିଷୁବ ସଂକ୍ରାନ୍ତି ଅବସରରେ ହିନ୍ଦୁ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶୁଭକାମନା କରାଯାଇଥିଲା। କେନ୍ଦୁଝର ସହରରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ଓ ଭାଇଚାରା ବଜାୟ ରଖିବା ପାଇଁ ଏଭଳି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। କେନ୍ଦୁଝର ସହରରେ ସଂଖ୍ୟାଲଘୁ ସଂପ୍ରଦାୟ ଏବଂ ବିଭିନ୍ନ ସଂଗଠନ ପକ୍ଷରୁ ପଣାସଂକ୍ରାନ୍ତି ଅବସରରେ ପଣା ଓ ଥଣ୍ଡା ପାନୀୟ ବ୍ଣ୍ଟନ କରାଯାଇଥିଲା। ସାଧାରଣ ଲୋକେ ଆନନ୍ଦ ସହକାରେ ଥଣ୍ଡା ପାନୀୟ ଓ ପଣା ପିଇଥିଲେ। ଏହି କାର୍ଯ୍ୟକ୍ରମରେ ମୁସଲିମ ସମାଜର ହବିବୁର ରେହମାନ, ୱାସିମ ନାୟାର, ମହମ୍ମଦ ସାକିର, ୱାସିମ ବାରି, ଫୟାଜ ହୁସେନ, ଏମ୍ଡି ନାହିର, ଏମଡି ଖାଲିଜ, ଅରବାଜ ଅଲ୍ଲୀ, ଏମ୍ଡି ସରଫରାଜ, ବାବର ଅଲ୍ଲୀ, ମହମ୍ମଦ ମୋକିଉଦ୍ଦିନ, ଆମାନ ଅଲ୍ଲୀ, ମହମ୍ମଦ ଜୁଲଫିକର, ମୁଜାମିଲ, ହାସିବୁର ରେହମାନ ସାମିଲ ହୋଇଥିଲେ।

## ମାଟି କାଦୁଅରେ ଭର୍ତ୍ତି ରାସ୍ତା, ସ୍କୁଲ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ, ଫ୍ଲାଏଓଭର ନିର୍ମାଣ ନାମରେ ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା

ଯୋଡା:୪/୫(ଆ.ପ୍ର.):ଅସରାଏ ବର୍ଷା ଯୋଗୁଁ ରାସ୍ତା କାଦୁଅ ପଚ ପଚ। ନା ଯାଇପାରୁଛନ୍ତି ସାଧାରଣ ଲୋକ ନା ଯାଇପାରୁଛନ୍ତି ବିଦ୍ୟାଳୟର ଛାତ୍ରଛାତ୍ରୀ। ଏଭଳି ରାସ୍ତାର ସ୍ଥିତି ଯୋଗୁଁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯୋଡା ଖଣି ମଣ୍ଡଳ ତଥା ଯୋଡା ପୌରପାଳିକାର ମଧ ଦେଇ ଯାଇଥିବା ରଣାଶାଳ-ବାଂଶପାଣି ରାଜ୍ୟ ରାଜପଥ ରାସ୍ତା ଏବେ ମରଣଯନ୍ତା ପାଲଟିଛି। ରାସ୍ତାଟିରେ ସ୍ଥାନେ ସ୍ଥାନେ ବଡ ବର୍ତ୍ତମାନ ସୃଷ୍ଟି ହେବା ସହ ରାସ୍ତାସରା କାଦୁଅ ଭର୍ତ୍ତି କାରଣରୁ ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଥିବା ଘଟଣା ଅଂଚଳବାସୀଙ୍କୁ ଦୟନୀୟ ଅବସ୍ଥାକୁ ଠେଲି ଦେଇଛି। କାର୍ଯ୍ୟରତ ଠିକାଦାରର ମନଇଛା ଓ ଦାୟୀତ୍ୱହୀନତା ଯୋଗୁଁ ସାଧାରଣ ଲୋକେ ଗମନାଗମନ କ୍ଷେତ୍ରରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ଖଣିଜ ସମ୍ପଦରେ ଭରପୁର କେନ୍ଦୁଝର ଜିଲ୍ଲାର ଯୋଡା ସହରର ରାସ୍ତାଘାଟ ଏବେ ମରଣଯନ୍ତା ପାଲଟିଛି। ଜାତୀୟ ରାଜପଥ ୫୨୦ନଂ ଜଙ୍କସନ୍ ରାସ୍ତାକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥ ନଂ-୨ର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇ ପଡିଛି। ରାସ୍ତାଘାଟର ଦୂରାବସ୍ଥା ଯୋଗୁଁ ଏହି ରାସ୍ତାରେ ଦୁର୍ଘଟଣା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ କ୍ଷୟ ହେଉଥିଲେ ମଧ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦେବାରୁ ସାଧାରଣ ଜନତାଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ଯୋଡା ସହର ଭିତର ଦେଇ ବିଜୁ ପଟ୍ଟନାୟକ ଏକ୍ସପ୍ରେସ -୨ କଡରେ ନିର୍ମାଣାଧିନ ଫ୍ଲାଏଓଭର କାର୍ଯ୍ୟ ଆରମ୍ଭ ହେବା ଦିନଠାରୁ ଯୋଡା ସହର ଲୋକମାନଙ୍କର ଯାତାୟତରେ ଘୋର ଦୁର୍ଦ୍ଦଶା ବଢିବାରେ ଲାଗିଛି। ଏହି ଫ୍ଲାଏଓଭର ନିର୍ମାଣରେ ୧୧୧ଟି ଖୁଣ୍ଟ ସ୍ଥାପନ କରିବାକୁ ଥିବାବେଳେ କମାରଯୋଡା ଠାରୁ ଏହି ଖୁଣ୍ଟ ନିର୍ମାଣର କାର୍ଯ୍ୟ ଆରମ୍ଭ କରାଯାଇଛି। ତେବେ ଏହି ନିର୍ମାଣ କାର୍ଯ୍ୟ ଯୋଗୁଁ ଯାନବାହାନ ଯାତାୟତରେ ଯେପରି ଅସୁବିଧା ନହୁଏ ସେଥିପାଇଁ ନିର୍ମାଣର ଉଭୟ ପାର୍ଶ୍ୱରେ ଅସ୍ଥାୟୀ ରାସ୍ତା ନିର୍ମାଣ କରିବାର ପ୍ରାବଧାନ ଥିବାବେଳେ ଏହି ନିର୍ମାଣ କାର୍ଯ୍ୟ କରୁଥିବା ଠିକାଦାର ଚେଭରକ୍ସ କମ୍ପାନୀ ନିର୍ମାଣ କାର୍ଯ୍ୟରୁ ବାହାରୁ ଥିବା ବର୍ଜ୍ୟବସ୍ତୁକୁ ରାସ୍ତାର ଉଭୟ ପାର୍ଶ୍ୱରେ ଖେଳାଇ ଦେଇ ସମତୁଲ କରିଦେବା ଫଳରେ ବର୍ଷା ଯୋଗୁଁ ତାହା କାଦୁଅ ହୋଇ ଯାତାୟତ ଅନୁପଯୋଗି ହୋଇ ପଡିଛି। ଠାଏ ଠାଏ ବଡ ବର୍ତ୍ତମାନ ସୃଷ୍ଟି ହୋଇ କୃତ୍ରିମ ପୋଖରୀର ଭ୍ରମ ସୃଷ୍ଟି କରୁଥିବା ବେଳେ ଏବେ ଛୋଡ ଗାଡି, ମୋଟରସାଇକେଲ ଯିବା ଆସିବା କରିବା ମଧ କାଠିକର ପାଠ ହୋଇ ପଡିଛି। ନିର୍ମାଣ ସମୟରେ ଜନସାଧାରଣଙ୍କ ଯାତାୟତର ସୁବିଧା କରିବା ପାଇଁ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା ଥିବାବେଳେ ଏହି କମ୍ପାନୀ ସ୍ଥାନୀୟ ପ୍ରଶାସନକୁ ହାତ କରି ଜନସାଧାରଣଙ୍କ ଯାତାୟତକୁ ସୁଗମ ନକରି ନିର୍ମାଣ କାର୍ଯ୍ୟ ଜାରି ରଖିଛି। ବାରମ୍ବାର ଏ ନେଇ ଜନସାଧାରଣ ଅଭିଯୋଗ କରିବା ପରେ ଠିକାଦାର ମେସିନ୍ ଲଗାଇ ସାମାନ୍ୟ ସମତୁଲ କରି ନିଜର ଦାୟିତ୍ୱ ସମ୍ପାଦନ କରୁଥିବା ଅଭିଯୋଗ ହୋଇଛି। ଏହି ରାସ୍ତାଟିର ଉଭୟ ପାର୍ଶ୍ୱରେ ଦୋକାନ ବଜାର, ବିଦ୍ୟାଳୟ, ବ୍ୟାଙ୍କ ଗୁଡିକ ରହିଥିବା ବେଳେ ମୁଖ୍ୟତଃ କମାରଯୋଡା ଠାରେ ଏକ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ବିଶେଷ କରି ରାସ୍ତାର ଦୁରାବସ୍ଥା ଯୋଗୁଁ ଛାତ୍ରଛାତ୍ରୀ ବିଦ୍ୟାଳୟ ଯିବାରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଘଣ୍ଟା ଘଣ୍ଟା ଧରି ଭାରିଯାନ ଏହି କାଦୁଅରେ ଫସି ରହୁଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ହିନ୍ଦି ଉଚ୍ଚ ବିଦ୍ୟାଳୟ ଠାରୁ କମାରଯୋଡା ଡାକ୍ତରଖାନା ପର୍ଯ୍ୟନ୍ତ ଲୋକେ ଏକପ୍ରକାର ଗୃହବନ୍ଦୀ ହୋଇ ପଡୁଥିବା ଅଭିଯୋଗ ହୋଇଛି। ତେଣୁ ଏହି ଫ୍ଲାଏଓଭର ନିର୍ମାଣ କାର୍ଯ୍ୟ ନେଇଥିବା ଓଡିଶା ବ୍ରିଜ୍ କନ୍ଷ୍ଟ୍ରକସନ୍ କର୍ପୋରେସନ୍ ଲିମିଟେଡ୍ (ଓବିସିସିଏଲ) ଏଥିପ୍ରତି ଦୃଷ୍ଟି ଦେବାକୁ ଯୋଡା ଜନସାଦାରଣ ଦାବି କରିଛନ୍ତି।

## ରେମୁଣା ସାହିତ୍ୟ ସଂସଦର ପ୍ରତିଷ୍ଠା ଦିବସ ପାଳନ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ରେମୁଣା ସାହିତ୍ୟ ସଂସଦର ୨୪ ତମ ପ୍ରତିଷ୍ଠା ଦିବସ ଓ ମହା ବିଷୁବ ସମାରୋହ ବିଦ୍ୟାଭୂଷଣ ସ୍ମୃତି ଭବନରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମସ୍ତଙ୍କୁ ପଣା ସର୍ବତ ବ୍ଣ୍ଟନ ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଅଧିବେସନରେ କବିତା ପାଠ ଉତ୍ସବ ଭାସ୍କର ଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଗଙ୍ଗାଧର ସେଠୀ, ମୁଖ୍ୟ ବକ୍ତା ଭାବେ ଜଗବନ୍ଧୁ ମହାପାତ୍ର, କବୟିତ୍ରୀ ସତ୍ୟଭାମା ମୁଦୁଲି, କବି ରବିନ୍ଦ୍ର କୁମାର ବିଶ୍ୱାଳ ଏବଂ ସଂଯୋଜିକା କୁନି ଝିଅ ଇପ୍ସିତା ସ୍ୱାଇଁଙ୍କ ସଂଯୋଜନାରେ ୪୦ରୁ ଉର୍ଦ୍ଧ୍ୱ କବି ଓ କବୟିତ୍ରୀ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତିୟ ଅଧିବେସନରେ କବି ସତ୍ୟ ରଞ୍ଜନ ଦାସଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ସୃଷ୍ଟିଧର ପରିଡ଼ା, ମୁଖ୍ୟ ବକ୍ତା ଭାବେ କାଳିପଦ ପଣ୍ଡା ଏବଂ ସମ୍ମାନିତ ଅତିଥି ଭାବେ ସୁକାନ୍ତ ଗିରି, ନିରଞ୍ଜନ ସାହୁ, କବି ଗଙ୍ଗାଧର ଦାସ ଯୋଗଦେଇଥିଲେ। ରେମୁଣା ସାହିତ୍ୟ ସସଂଦର ସଂପାଦକ ଡଃ ଭାଗବତ ପ୍ରସାଦ ଦାସ ସଂପାଦକୀୟ ବିବରଣୀ ପାଠ କରିଥିଲେ। ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଅତିଥି ପରିଚୟ ଦେଇଥିବା ବେଳେ ଗୀତା ପାଠ କରିଥିଲେ ପଣ୍ଡିତ ଶକ୍ତିପଦ ପଣ୍ଡା ଏବଂ ସ୍ୱାଗତ ସଂଗୀତ ଗାନ କରିଥିଲେ ଶ୍ରାବଣୀ, ଭାଗ୍ୟଶ୍ରୀ ଓ ବୈଶାଖୀ। ଧନ୍ୟବାଦ ଦେଇଥିଲେ ମଧୁସୂଧନ ମାଝୀ। ଏହି ସଭାରେ କବି ଚକ୍ରଧର ଦାସଙ୍କ କବିତା ସଙ୍କଳନ "ପାହାନ୍ତି ତାରା" ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପ୍ରଭାକର ସାହୁ, କରୁଣାକର ଜେନା, ରମେଶ ମହାରଣା, ସନ୍ତୋଶ କୁମାର ଦାସ, ଡ. ରତ୍ନାକର ସିଂହ, ଅଜୟ ବାରିକଙ୍କ ସମେତ ସମସ୍ତ ସଭ୍ୟ ସଭ୍ୟା ପରିଚାଳନାରେ ସହଯୋଗ କରିଥିଲେ ଏବଂ ଭାଗୀରଥୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ସମ୍ବିଧାନ ପ୍ରଣେତା, ଭାରତରତ୍ନ ଡଃ. ବି.ଆର୍. ଆମ୍ବେଦକରଙ୍କ ୧୩୧ତମ ଜୟନ୍ତୀ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହରର କଜଳାସ୍ଥିତ ଜିଲ୍ଲା କଂଗ୍ରେସ ଭବନ ପରିସରରେ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡଃ. ବି.ଆର୍. ଆମ୍ବେଦକରଙ୍କ ୧୩୧ତମ ଜୟନ୍ତୀ ଅଧ୍ୟକ୍ଷ ସର୍ବେଶ୍ୱର ସେଠୀଙ୍କ ପୌରୋହିତ୍ୟରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଆମ୍ବେଦକରଙ୍କ ଜୀବନାଦର୍ଶ, ନୀତି ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିବା ସଙ୍ଗେସଙ୍ଗେ ବର୍ତ୍ତମାନ କେନ୍ଦ୍ରର ବିଜେପି ଓ ରାଜ୍ୟ ବିଜେଡି ସରକାର ଆମ୍ବେଦକରଙ୍କ ଦ୍ୱାରା ପ୍ରଣିତ ସମ୍ବିଧାନ ପ୍ରତି ଅବଜ୍ଞାଠାରୁ ଆରମ୍ଭ କରି ସମାଜର ଦୁର୍ବଳ ଶ୍ରେଣୀ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତିମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରି ଅଜ୍ଞାଚାର କରି ଚାଲିଛନ୍ତି। ଆହୁରି ମଧ ମହିଳାମାନେ ଅସୁରକ୍ଷିତ ହୋଇପଡିଥିବାବେଳେ ବର୍ତ୍ତମାନ ଦେଶରେ ଅରାଜକତା ସୃଷ୍ଟି କରି ଚାଲିଛନ୍ତି। ଏହି ପରିପ୍ରେକ୍ଷୀରେ ସମସ୍ତେ ମିଳିତ ହୋଇ ବିଶୃଙ୍ଖଳାକାରୀ ବିଜେପି ଓ ବିଜେଡି ସରକାରଙ୍କୁ ଆନ୍ଦୋଳନ ମାଧମରେ ହଟାଇବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ସଭାପତି ତଥା ପୁର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଫୁଲ୍ଲ କୁମାର ଦାସ, ଗୋଲଖ ବେହେରା, ଗୋପାଳ କୃଷ୍ଣ ଜେନା, ଅଶୋକ ମଳିକ, ଗୋବିନ୍ଦ ସେଠୀ, ତପନ ପାତ୍ର, କାଙ୍ଗାଳୀ ସେଠୀ, ଗୌରାଙ୍ଗ ମଳିକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସମାଜସେବୀ ପ୍ରେମାନନ୍ଦ ପଣ୍ଡାଙ୍କ ବିୟୋଗରେ ସ୍ମୃତିସଭା

କେନ୍ଦ୍ରାପଡା (ପିଏନ୍) : କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ମାଧପୁର ଗ୍ରାମର ବିଶିଷ୍ଟ ସମାଜସେବୀ ପ୍ରେମାନନ୍ଦ ପଣ୍ଡାଙ୍କ ଦ୍ୱାଦଶାହ ଅବସରରେ ମାଧପୁରସ୍ଥିତ ଅମରଉଦ୍ୟାନ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତିସଭାରେ ପୂର୍ବତନ କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ, ପୂର୍ବତନ କାଉନସିଲର ସୁରେଶ ମର୍ଦ୍ଦରାଜ (କାଶି), କେନ୍ଦ୍ରାପଡା ଏସଡିପିଓ ରାଜୀବଲୋଚନ ପଣ୍ଡା, ଡିଏସପି କାର୍ତ୍ତିକ ଚନ୍ଦ୍ର ମଲ୍ଲିକ, ଜନସ୍ୱାସ୍ଥ୍ୟ ବିଭାଗ କଟକ ସର୍କଲର ଅଧିକ୍ଷଣ ଯନ୍ତ୍ରୀ ଇଂ ନବକିଶୋର ସାମଲ, ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦିପ କୁମାର ମହାନ୍ତି, ଚୌଦ୍ୱାର ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଇଂ ପ୍ରଦୀପ୍ତ କୁମାର ମହାନ୍ତି, ସ୍ୱର୍ଗତଃ ପଣ୍ଡାଙ୍କ ପୁତ୍ର ସୌମ୍ୟକାନ୍ତ ପଣ୍ଡା, ପ୍ରଶାନ୍ତ କୁମାର ସିଂ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତଃ ପଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଜଙ୍ଗଲ ଅଗ୍ନି ନିର୍ବାପକ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର (ପିଏନ୍): ଠାକୁରାଣୀ ଆଇରନ୍ ଓର ମାଇନ୍ସ ଦ୍ୱାରା ଅପ୍ରେଲ ୧୧ ତାରିଖଠାରୁ ଜଙ୍ଗଲ ଅଗ୍ନି ନିର୍ବାପକ ଏବଂ ପ୍ରତିରୋଧମୂଳକ ସୁରକ୍ଷା ପଦକ୍ଷେପ ଅନୁଷ୍ଠିତ କରାଯାଉଅଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର ସଚେତନତା ରଥ ପାରିପାର୍ଶ୍ୱିକ ଗ୍ରାମାଞ୍ଚଳରେ ଅଗ୍ନି ପ୍ରତିରୋଧକ ଏବଂ ନିର୍ବାପକ ନିମନ୍ତେ ସ୍ୱତନ୍ତ୍ର ସୁରକ୍ଷା ନିୟମାବଳୀ ଲୋକମାନଙ୍କୁ ସଚେତନ କରାଯାଇଛି। ଜଙ୍ଗଲରେ ନିଆଁ ରୋକାଯାଇପାରିଲେ କେବଳ ଜଙ୍ଗଲ ନୁହେଁ ବନ୍ୟପ୍ରାଣୀଙ୍କ ସୁରକ୍ଷା ହୋଇପାରିବ। ଜଙ୍ଗଲ ଆମର ସମ୍ପଦ ଏବଂ ଏହାକୁ ସୁରକ୍ଷା ଦେବା ଆମର କର୍ତ୍ତବ୍ୟ ବୋଲି ସଚେତନତା କରାଯାଇଥିଲା। ଏଥିସହ ବନବାସୀମାନେ ବିଭିନ୍ନ ଋତୁଭିତ୍ତିକ ଖାଦ୍ୟ ସହ ବିଭିନ୍ନ ପ୍ରକାର କୋଳି, ଫଳମୂଳ ପାଉଥିଲେ ଏବଂ ଜଙ୍ଗଲରୁ ମିଳୁଥିବା ଲାଖ, ଝୁଣା, ଫଳ ଓ ମହୁ ଭଳି ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରି ଚଳିବାରେ ବାଧା ସୃଷ୍ଟି କରିଥାଏ। ଜଙ୍ଗଲ ନିଆଁ ଯୋଗୁଁ ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଇଥାଏ। ଜଙ୍ଗଲ ନିଆଁରେ ଅନେକ ଛୋଟ ଗୁଳ୍ମ, ଗଛ ପୋଡି ଯିବା ସହ ସରୀସୃପ ଓ ଜଙ୍ଗଲ ଜୀବଜନ୍ତୁ ପ୍ରଭାବିତ ହେଉଥିବାରୁ ଜଙ୍ଗଲ ନିଆଁ ରୋକିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ଗତ ମାସ ୧୩ ତାରିଖ ଦିନ ଏକ ସ୍ୱତନ୍ତ୍ର ମକ୍ ଡ୍ରିଲ୍ କାର୍ଯ୍ୟକ୍ରମ ଠାକୁରାଣୀ ମାଇନ୍ସରେ ବଡବିଲ ଜଙ୍ଗଲ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଏବଂ ମାଇନ୍ସର ସମସ୍ତ କର୍ମଚାରୀ ଏବଂ ମୁଖ୍ୟ ପ୍ରବନ୍ଧକ ପ୍ରମୋଦ କୁମାର ମିଶ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା। ଏଥିରେ ପ୍ରୋଜେକ୍ଟ ହେଡ୍ ଅନିଲ ରାହି ଏବ ଫାୟାର ୱାଚର ଙ୍କ ମିଳିତ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରାଯାଇଥିଲା।

## ମା ତାରିଣୀ ଓ ମହାବୀରଙ୍କ ୧୧ତମ ବାର୍ଷିକ ଉତ୍ସବ ପାଳନ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ସହର ସ୍ଥିତ ବାଲିଆ ଗ୍ରାମ ପଞ୍ଚାୟତର ଜଗତ ଜନନୀ ମା ତାରିଣୀ ମନ୍ଦିର ଓ ମହାବୀର ମନ୍ଦିରର ୧୧ତମ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳ ୭ ଘଣ୍ଟିକାରେ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ୧୦୮ କଳସ ଶୋଭା ଯାତ୍ରା ସହିତ ବିଶାଳ ସମାବେଶରେ ବାହାରି ନୁଆସାହି ଦେଇ ତାରିଣୀ ମନ୍ଦିରରେ ପହଞ୍ଚିଥିଲେ। ଦିନତମାମ ହୋମ, ଯଜ୍ଞ, ପୁଜା ପାଠ କାର୍ଯ୍ୟକ୍ରମ ଲାଗି ରହିଥିବା ବେଳେ ପ୍ରାୟ ୩୦୦୦ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ଓ ପଣା ବ୍ଣ୍ଟନ ର ବ୍ୟବସ୍ଥା ହୋଇଥିଲା। ସନ୍ଧ୍ୟାରେ ମନ୍ଦିର ପରିସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଙ୍ଗୀତ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମନ୍ଦିରର ୧୧ତମ ବାର୍ଷିକ ଉତ୍ସବରେ ସଭାପତି ଶ୍ରୀ ଗଦାଧର ପତିଙ୍କ ପୌରୋହିତ୍ୟରେ ଉପ ସଭାପତି ଆନନ୍ଦ ବେହେରା, ସଂପାଦକ ଭବେଶ କୁମାର ବାରିକ ଓ ସହ ସଂପାଦକ ଦିନବନ୍ଧୁ ସାମଲ ପରିଚାଳନା କରିଥିଲେ। ବାଲିଆ ସରପଞ୍ଚ ନିତାଇ ଚରଣ ନାୟକ, ସୁକୁମାର ଦାସ, ପାତିନ, ମିଟୁ, ଟୁଟୁ, କୁନା, ମଙ୍ଗଳା, ଦେବୁ ଓ ଗ୍ରାମବାସୀମାନେ ଏହି ମନ୍ଦିର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ୧୭ ଲକ୍ଷ ଲୁଟ୍ ଘଟଣା: କେସିଙ୍ଗାରୁ ଲୁଟେରାଙ୍କୁ କାବୁ କଲା ପୁଲିସ, ସବୁ ଟଙ୍କା ଉଦ୍ଧାର ୨ ମହିଳା ସମେତ ୬ ଗିରଫ

କନ୍ଧମାଳ ,(ପି.ଏନ): ସୋମବାର ଫୁଲବାଣୀ ଆକ୍ସିସ ବ୍ୟାଙ୍କ ପାଖରୁ ଲୁଟ ଘଟଣାରେ ପୁଲିସକୁ ସଫଳତା ମିଳିଛି। ମାତ୍ର ୪୮ ଘଣ୍ଟା ମଧ୍ୟରେ ଲୁଟେରାମାନଙ୍କୁ ଧରିବାରେ ସକ୍ଷମ ହୋଇଛି କନ୍ଧମାଳ ପୁଲିସ। ସେମାନଙ୍କ ପାଖରୁ ଲୁଟ ହୋଇଥିବା ସବୁ ଟଙ୍କା ମଧ୍ୟ ଉଦ୍ଧାର ହୋଇଛି। ଘଟଣାରେ ସଂପୃକ୍ତ ଦୁଇ ପେଶାଦାର ଲୁଟେରାଙ୍କୁ କଳାହାଣ୍ଡି ଜିଲ୍ଲା କେସିଙ୍ଗାରୁ ଗିରଫ କରାଯାଇଥିବା ବୁଧବାର ସ୍ଥାନୀୟ ଟାଉନ ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି କନ୍ଧମାଳ ଏସପି ଶୁଭେନ୍ଦୁ ପାତ୍ର ।ସୂଚନାଯୋଗ୍ୟ, ସୋମବାର ଫୁଲବାଣୀର ବ୍ୟବସାୟୀ ଅଶ୍ୱିନୀ ପାତ୍ର ଆକ୍ସିସ ବ୍ୟାଙ୍କକୁ ଟଙ୍କା ଜମା କରିବା ପାଇଁ ଯାଉଥିବା ବେଳେ ଦୁଇ ଜଣ ଯୁବକ ଏକ କଳା ପଲସରରେ ଆସି ତାଙ୍କଠାରୁ ୧୭ ଲକ୍ଷ ୫୦ ହଜାର ଟଙ୍କା ଛଡାଇ ନେଇଥିଲେ। ଟାଉନ ଥାନା ପୁଲିସ ତୁରନ୍ତ ନିକଟସ୍ଥ ସିସିଟିଭି ଯାଞ୍ଚ କରି ତଦନ୍ତ ଆରମ୍ଭ କରିଥିଲା। ଫୁଲବାଣୀ, ଫିରିଙ୍ଗିଆ ଓ ଗୋଚ୍ଛାପଡା ଥାନା ଅଞ୍ଚଳରେ ନାକାବନ୍ଦି କରାଯାଇଥିଲା। ଦୁର୍ବୃତ୍ତମାନେ ଗୋଚ୍ଛାପଡା ଛକରେ ପୁଲିସକୁ ଚକମା ଦେଇ ଚାଲି ଯାଇଥିଲେ। ତେବେ ପୁଲିସ ସେମାନଙ୍କୁ ପିଛା କରିବାରୁ ଲୁଟେରାମାନେ ଖଜୁରୀଗାଁ ନିକଟରେ ବାଇକ ଛାଡି ଦେଇ ଜଙ୍ଗଲ ଭିତରକୁ ଖସି ଚାଲି ଯାଇଥିଲେ। ପୁଲିସ ସଂପୃକ୍ତ ଜଙ୍ଗଲକୁ ଚାରିପଟୁ ଘେରାଉ କରିଥିଲା ।ତେବେ ମଙ୍ଗଳବାର ଲୁଟେରାମାନଙ୍କ ସହଯୋଗୀମାନେ ଏକ କାର ଯୋଗେ ସେମାନଙ୍କୁ ଜଙ୍ଗଲ ଭିତରୁ ଖସାଇ ନେଇ କଳାହାଣ୍ଡି ଜିଲ୍ଲା କେସିଙ୍ଗା ଆଡକୁ ଯାଉଥିବା ଜାଣିପାରି କେସିଙ୍ଗା ପୁଲିସକୁ ସୂଚନା ଦିଆଯାଇଥିଲା। କନ୍ଧମାଳ ଓ କଳାହାଣ୍ଡି ପୁଲିସର ମିଳିତ ଉଦ୍ୟମରେ ଲୁଟେରାମାନଙ୍କୁ କେସିଙ୍ଗାଠାରେ ଗିରଫ କରାଯାଇଥିବା ଏସପି ଶ୍ରୀ ପାତ୍ର ସୂଚନା ଦେଇଛନ୍ତି। ଗିରଫ ଦୁଇ ଜଣ ଗଞ୍ଜାମ ଜିଲା ଆସ୍କା ଥାନା ଅନ୍ତର୍ଗତ ପାକଲାପଲ୍ଲୀର ଏ. କିଶୋର ଓ ଏ. ହରି ବୋଲି କହିଛି ପୁଲିସ। ଏମାନଙ୍କୁ ଖସାଇ ନେଉଥିବା ଏମ. ଲିଲି, ସରସ୍ୱତୀ, ଏମ. ପାଣ୍ଡୁ ଓ କାର ଡ୍ରାଇଭର ଲିଟୁ ଗୌଡକୁ ମଧ୍ୟ ପୁଲିସ ଗିରଫ କରିଛି। ଏ ସମସ୍ତଙ୍କ ଘର ଆସ୍କା ଅଞ୍ଚଳରେ ଏବଂ ଏମାନଙ୍କ ବିରୋଧରେ ନୟାଗଡ଼, ପୁରୀ ଓ ସମ୍ବଲପୁର ଥାନାରେ ପୂର୍ବରୁ ଲୁଟ ଓ ଡକାୟତି ମାମଲା ରହିଛି। ଦୁର୍ବୃତ୍ତମାନଙ୍କ ପାଖରୁ ପୁଲିସ ସମସ୍ତ ଲୁଟ ଟଙ୍କା ସହ ମୋବାଇଲ, ତାଲା ଖୋଲିବା ପାଇଁ ମାଷ୍ଟର-କି ଉଦ୍ଧାର କରାଯାଇଛି। ଏନେଇ ଫୁଲବାଣୀ ଟାଉନ ଥାନାରେ ଏକ ମାମଲା ୮୯/୨୩ ରୁଜୁ କରାଯାଇଛି।

## ଅନୁଗୋଳରେ ପୁଣି ସ୍ଥାପନ ହେବ ନବକୃଷ୍ଣ ଚୌଧୁରୀଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି

ଭୁବନେଶ୍ୱର, (ପି.ଏନ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତି ଅନୁଗୋଳ ସହରରେ ପୁନଃସ୍ଥାପନ କରାଯିବ। ଓଡ଼ିଶା ବିଧାନସଭା ସମ୍ମୁଖ ଭାଗରେ ପ୍ରତିଷ୍ଠିତ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତି ଢାଂଚାରେ ଅନୁଗୋଳ ଲାଗି ନୂତନ ପୂର୍ଣ୍ଣାବୟବ ପ୍ରତିମୂର୍ତି ନିର୍ମାଣ ହେବ। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସରକାର ଏହି ନିଷ୍ପତି ଗ୍ରହଣ କରିଛନ୍ତି । ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀଙ୍କ ଅନୁଗୋଳ ସ୍ଥିତ ଅନୁଷ୍ଠାନ ବାଜି ରାଉତ ଛାତ୍ରାବାସର ପୁନରୁଦ୍ଧାର ଓ ସଂରକ୍ଷଣ ତଥା ସମୂହ ବିକାଶ ପାଇଁ ସରକାର ଯଥାଶୀଘ୍ର ପଦକ୍ଷେପ ନେବେ । ସଂସ୍କୃତି ବିଭାଗର ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଅଫିସର ଦଳ ଗୁରୁବାର ବାଜି ରାଉତ ଛାତ୍ରାବାସ ଗସ୍ତ କରିବେ। ଏହି ଅଫିସର ଦଳରେ ଓବିସିସିର ପରିଚାଳନା ନିର୍ଦ୍ଦେଶକ, ସଂସ୍କୃତି ବିଭାଗ ଯୁଗ୍ମ ନିର୍ଦ୍ଦେଶକ ଏବଂ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ସୁଆଣ୍ଡୋର ସଂରକ୍ଷଣ ତଥା ନିର୍ମାଣ କାର୍ଯ୍ୟରେ ନିୟୋଜକ ଶିଳ୍ପୀ ଜୟନ୍ତ ଦାସ ଅନୁଗୋଳ ଗସ୍ତ କରିବେ ।

# ଶୀତଳ ଭଣ୍ଡାର ପରିଚାଳନା ନିମନ୍ତେ ସୁଦୃଢ଼ ମାର୍ଗଦର୍ଶିକା ପ୍ରସ୍ତୁତ କରାଯିବ : କୃଷି ମନ୍ତ୍ରୀ

ଭୁବନେଶ୍ୱର, (ପି.ଏନ): ଫସଲ ଅମଳ ପରବର୍ତୀ ସୁପରିଚାଳନା ଓ ସଂରକ୍ଷଣ ଏବଂ ଚାଷୀମାନଙ୍କୁ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ପ୍ରଦାନ ଦିଗରେ ରାଜ୍ୟରେ ଶୀତଳ ଭଣ୍ଡାର ନିର୍ମାଣ କରିବା ଓ ବ୍ୟବହାରରେ ଉତ୍କର୍ଷ ଆଣିବା ଦିଗରେ ପଦକ୍ଷେପ ନିଆଯାଉଛି । ଏଥି ପାଇଁ ଏକ ବିସ୍ତୃତ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଉଛି ବୋଲି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।ବୁଧବାର କୃଷିଭବନଠାରେ କୃଷିଜାତ ଦ୍ରବ୍ୟର ସଂରକ୍ଷଣରେ ଉନ୍ନତି ଆଣିବା ସଂପର୍କରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ରାଜ୍ୟରେ ଶୀତଳ ଭଣ୍ଡାରର ସଦ୍ୟତମ ସ୍ଥିତିର ସମୀକ୍ଷା କରିଥିଲେ । ଶୀତଳ ଭଣ୍ଡାର ନିର୍ମାଣ ଓ ପରିଚାଳନାରେ ଉନ୍ନତି ଆଣିବା ଦିଗରେ ଆବଶ୍ୟକ ପ୍ରସ୍ତାବ ଦେବା ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ, ସମବାୟ ବିଭାଗର ପ୍ରମୁଖ ଶାସନ ସଚିବ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ କମିଟି ରାଜ୍ୟର ବିଭିନ୍ନ ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ଶୀତଳ ଭଣ୍ଡାର ଏବଂ କୋଲ୍ଡ ରୁମ୍ ଆଦିର ସ୍ଥିତି ଅନୁଧ୍ୟାନ କରି ଏ ଦିଗରେ ଆବଶ୍ୟକୀୟ ରିପୋର୍ଟ ପ୍ରଦାନ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ବିଭିନ୍ନ ଜିଲ୍ଲାରେ ଉତ୍ପାଦିତ ହେଉଥିବା କୃଷି ସାମଗ୍ରୀ, ଆଳୁ, ପିଆଜ, ପନିପରିବା, ଫଳ ଇତ୍ୟାଦିର ସଂରକ୍ଷଣ ପାଇଁ ଉକ୍ତ ଅଂଚଳରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ଦିଗରେ ଅଗ୍ରାଧିକାର ପ୍ରଦାନ କରାଯିବ। ଏଥି ସହିତ କୃଷି ଉତ୍ପାଦନ ପୁଞ୍ଜି ଥିବା ଅଂଚଳରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବ ଏବଂ ଶୀତଳ ଭଣ୍ଡାର ବ୍ୟବହାର ନିମନ୍ତେ ଚାଷୀମାନଙ୍କୁ ଉତ୍ସାହିତ କରିବା ପାଇଁ କ୍ଷେତ୍ର ପ୍ରଦର୍ଶନୀର ଆୟୋଜନ କରାଯିବ। ପୂର୍ବରୁ ଶୀତଳ ଭଣ୍ଡାର ଥିବା ଅଂଚଳରେ କୃଷି ଉତ୍ପାଦନ ପୁଞ୍ଜି ପ୍ରତିଷ୍ଠା ଓ କ୍ଷେତ୍ର ପ୍ରଦର୍ଶନୀକୁ ତ୍ୱରାନ୍ୱିତ କରିବା ନିମନ୍ତେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । କୋରାପୁଟ ଜିଲ୍ଲାରେ ଚଳିତ ବର୍ଷ ଆଳୁଚାଷକୁ ବ୍ୟାପକ କରାଯିବା ପାଇଁ ବିଭାଗୀୟ ସ୍ତରରେ ନିଷ୍ପତି ନିଆଯାଇଥିବା ପରିପ୍ରେକ୍ଷୀରେ ଉକ୍ତ ଅଂଚଳରେ ଶୀତଳ ଭଣ୍ଡାର ପ୍ରତିଷ୍ଠା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ସମବାୟ ବିଭାଗ ଦ୍ୱାରା ନିର୍ମାଣ ହେବାକୁ ଥିବା ସମନ୍ୱିତ ପ୍ୟାକ୍ ହାଉସ୍ କୁ କୃଷକ ଉତ୍ପାଦକ ଗୋଷ୍ଠୀ କିମ୍ବା ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ପରିଚାଳନା ଭାର ନ୍ୟସ୍ତ କରାଯିବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା । ଏଥି ସହିତ ସମସ୍ତ ଶୀତଳ ଭଣ୍ଡାର, ଶୀତଳ ଚ୍ୟାମ୍ବର ଏବଂ ଇଂଟିଗ୍ରେଟେଡ୍ ପ୍ୟାକ୍ ହାଉସ୍ ଗୁଡ଼ିକର ସମନ୍ୱିତ ପରିଚାଳନା ପାଇଁ ବୈଠକରେ ସ୍ଥିର କରାଗଲା । ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ସମବାୟ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ଚଢ଼ା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଶୀତଳ ଭଣ୍ଡାରର ପ୍ରତିଷ୍ଠା ଓ ପରିଚାଳନାର ବିଭିନ୍ନ ଦିଗ ସଂପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧାରୀ, ଉଦ୍ୟାନ କୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କାଙ୍କ ସମେତ ରେଜିଷ୍ଟ୍ରାର କୋଅପରେଟିଭ୍ ସୋସାଇଟି, ଓରେଡାର ମୁଖ୍ୟ ପରିଚାଳକ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଫେସରବୃନ୍ଦ ଓ ବରିଷ୍ଠ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ।

## ଦେବଗଡରେ ମହିଳା ଫାଇନାନ୍ସ କର୍ମଚାରୀଙ୍କୁ ହତ୍ୟା ଅଭିଯୋଗ

ଭୁବନେଶ୍ୱର, (ପି.ଏନ): ଦେବଗଡରେ ଗତକାଲି ବିଳମ୍ବିତ ରାତ୍ରୀରେ ଜଣେ ମହିଳା ଫାଇନାନ୍ସ କର୍ମଚାରୀଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଅଫିସରୁ ଭଡା ଘରକୁ ଫେରୁଥିବା ବେଳେ ତାଙ୍କୁ ହତ୍ୟା କରାଯାଇଥିବା କୁହା ଯାଉଛି । ମୃତ ମହିଳା କର୍ମଚାରୀ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଅଂଚଳର ରୀତା ସାହୁ ବୋଲି ଜଣାପଡ଼ିଛି। ଦେବଗଡ଼ ଜିଲ୍ଲା ପ୍ରଧାନପାଟ ରାସ୍ତାରେ ଥିବା ଭାରତ ଫାଇନାନ୍ସ ଅଫିସ ସମ୍ମୁଖରୁ ରୀତାଙ୍କ ମୃତଦେହ ଉଦ୍ଧାର ହୋଇଛି। ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ରାତି ପ୍ରାୟ ୧୧ଟା ସମୟରେ ଅଫିସରୁ କାମ ସାରି ରୀତା ସ୍କୁଟିରେ ଭିତିରିଆ ସାହି ଠାରେ ଥିବା ଭଡ଼ା ଘରକୁ ବାହାରିଥିଲେ। ଏହି ସମୟରେ ଅଫିସ ସମ୍ମୁଖରେ ୨ ଜଣ ଯୁବକ ତାଙ୍କ ଉପରକୁ ଆକ୍ରମଣ କରିଥିଲେ। ପ୍ରଥମେ ଛୁରୀ ଓ କାଠ ଫାଳିଆରେ ଯୁବକ ଦ୍ୱୟ ରୀତାଙ୍କୁ ଆକ୍ରମଣ କରିଥିଲେ। ପରେ ପଥରରେ ଛେଚି ହତ୍ୟା କରିବା ପରେ ଘଟଣାସ୍ଥଳରୁ ୨ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ହତ୍ୟାର କାରଣ ଅସ୍ପଷ୍ଟ ରହିଛି ।

# ବିଜେପି ରାଜ୍ୟ ସଭାପତିଙ୍କୁ କଟକରେ ଭବ୍ୟ ସ୍ୱାଗତ

କଟକ/ଭୁବନେଶ୍ୱର, (ପି.ଏନ): ଓଡ଼ିଶା ରାଜନୀତିର ପ୍ରାଣକେନ୍ଦ୍ର ହେଉଛି ଐତିହାସିକ ସହର କଟକ। ଓଡିଶାକୁ ରାଜ୍ୟ ସରକାର ଦୁର୍ନୀତିର ଗନ୍ତାଘର କରିଛନ୍ତି ତାହାକୁ ଭାରତୀୟ ଜନତା ପାର୍ଟି ଆଗାମୀ ନିର୍ବାଚନରେ ଧ୍ୱଂସ କରିବ। ଓଡ଼ିଶାର ବିକାଶ ଓ ଉନ୍ନତି ପାଇଁ ସଦା ସର୍ବଦା କାର୍ଯ୍ୟ କରିବ ବିଜେପି। ଆଗାମୀ ୨୦୨୪ ନିର୍ବାଚନ ପାଇଁ ବୁଧବାର ରାଜ୍ୟ ସଭାପତି ମନମୋହନ ସାମଲ ମା' କଟକଚଣ୍ଡୀ ମନ୍ଦିରକୁ ଯାଇ ଆର୍ଶୀବାଦ ଭିକ୍ଷା କରିଛନ୍ତି। କଟକ ଜିଲ୍ଲା ସବୁବେଳେ ଶକ୍ତିଶାଳୀ ଥିଲା ବର୍ତମାନ ଆହୁରି ଶକ୍ତିଶାଳୀ ହେବ। କଟକ ଜିଲ୍ଲାରେ ଭଲ ନେତା ଓ କର୍ମୀ ଅଛନ୍ତି। ସାଧାରଣ ଲୋକ ଯାହାକୁ ଚାହିଁବେ ଆମେ ତାହାଙ୍କୁ ପ୍ରାର୍ଥୀ କରିବୁ। ବିଜେପି ଶିବିର ସବୁବେଳେ ଉତ୍ସାହିତ ଅଛି ଓ ଆଗାମୀ ଦିନରେ ଆହୁରି ଅଧିକ ଉତ୍ସାହିତ ହେବ। ଧାମନଗରରେ ସାଧାରଣ ଲୋକେ ନେତୃତ୍ୱ ନେଇଥିଲେ ଏଠାରେ ମଧ୍ୟ ଓଡିଶା ପାଇଁ ସାଧାରଣ ଲୋକେ ନେତୃତ୍ୱ ନେଇ ବିଜେପିକୁ ଦାୟିତ୍ୱ ଦେବେ। ଆଗାମୀ ନିର୍ବାଚନରେ ଭାରତୀୟ ଜନତା ପାର୍ଟିର କର୍ମୀମାନେ ଲଢ଼ିବେ, ମୁଁ ତାଙ୍କର ସହଯୋଗୀ ହେବି ଏବଂ କଟକ ଲୋକସଭା ଆସନ ଓ ସମସ୍ତ ବିଧାନସଭା ଆସନରେ ବିଜେପି ନିଶ୍ଚୟ ଜିତିବ ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି ଶ୍ରୀ ସାମଲ।ଏହି ଅବସରରେ କଟକ ବିଜେପିକୁ ଗୁରୁମନ୍ତ୍ର ଦେଇ ରାଜ୍ୟ ସଭାପତି ସଶକ୍ତ-ମଜଭୁତ ହୋଇ ଲୋକଙ୍କ ପାଇଁ କାମ କରିବାକୁ ପରାମର୍ଶ ଦେଇଛନ୍ତି। ଏକଜୁଟ ହୋଇ ଦୁର୍ନୀତି ବିରୋଧରେ ସ୍ୱର ଉଠେଇବା ପାଇଁ କହିଛନ୍ତି ମନମୋହନ ସାମଲ। ଶ୍ରୀ ସାମଲ ପ୍ରଥମେ ମଧୁପାଟଣା ଛକରେ ଏକ ବିଶାଳ ବାଇକରାଲି ଜରିଆରେ କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀଙ୍କ ମନ୍ଦିର ପଂହଚି ଚଣ୍ଡିଙ୍କ ଦର୍ଶନ କରିବା ପରେ ଶେଖ୍ ବଜାରରେ ଥିବା ଆର୍.ଏସ୍.ଏସ୍ କାର୍ଯ୍ୟାଳୟ ପରିଦର୍ଶନ କରି ସ୍ୱୟଂ ସେବକଙ୍କ ସହ ସାକ୍ଷାତ କରିଥିଲେ। ଏହାପରେ ପ୍ରଜାତନ୍ତ୍ର ଭବନ ଯାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ କଟକ ବିଜେପିର ସମସ୍ତ କାର୍ଯ୍ୟକର୍ତାଙ୍କ ସହ ଆଲୋଚନା କରି ଆଗାମୀ ନିର୍ବାଚନ ପାଇଁ ଗୁରୁମନ୍ତ୍ର ଦେଇ ଲୋକସେବକ ମଣ୍ଡଳ ଗସ୍ତ କରି ସମାଜ ପରିସରରେ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏହାପରେ ରାଷ୍ଟ୍ରଦୀପ କାର୍ଯ୍ୟାଳୟ ସହ ଯଶୋଦା ସଦନ ପରିଦର୍ଶନ କରିଛନ୍ତି ଶ୍ରୀ ସାମଲ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ କେଭି ସିଂ ଦେଓ, ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ରାଜ୍ୟ ସାଧାରଣ ସଂପାଦକ ତଥା କଟକ ଜିଲ୍ଲା ପ୍ରଭାରୀ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ସୂରଜ ସୂର୍ଯ୍ୟବଂଶୀ, କଟକ ନଗର ଜିଲ୍ଲା ସଭାପତି ଲଲାଟେନ୍ଦୁ ବଡ୍ର, କଟକ ସଦର ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ବେହେରା, ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ସଜ୍ଜନ ଶର୍ମା, ବିନୋଦ ଦାଶ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକଙ୍କ ସମେତ ସମସ୍ତ ଜିଲ୍ଲା ପଦାଧିକାରୀ, ନିର୍ବାଚିତ କର୍ପୋରେଟର ଏବଂ କାର୍ଯ୍ୟକର୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ୍ୟ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀଙ୍କୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟ୍ଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକତତ୍ତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ୍ୟ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ୍ୟ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
•Surveillance through CCTV Camera •Small Classes •Congenial Environment •Intimate, Safe & Secured Place •Experienced & loving teachers •Individual attention to each child •Spacious Playground •AC Activity Room •Transport Facilities

TUITION CLASSES for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Friday April 07, 2023 ଭୁବନେଶ୍ୱର ଶୁକ୍ରବାର, ଅପ୍ରେଲ ୦୭,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ଦୟନୀୟ ଅବସ୍ଥାରେ ଚମ୍ପୁଆ ଯାତ୍ରୀ ବିଶ୍ରାମା ଗାର



ଚମ୍ପୁଆ,(ପି.ଏନ): ଚମ୍ପୁଆ ବସଷ୍ଟାଣ୍ଡ ମଧ୍ୟରେ ଥିବା ଯାତ୍ରୀ ବିଶ୍ରାମା ଗାରର ଅବସ୍ଥା ଦିନକୁ ଦିନ ସୋଚନିୟ ହୋଇ ପଡିଲାଣି । କେତେକ ସ୍ଥାନରେ କାନ୍ଥ ଫାଟି ଆଁ କରିଥିବା ବେଳେ ଯାତ୍ରୀଙ୍କ ବସିବା ପାଇଁ ପିଣ୍ଡି ଭାଙ୍ଗି ଗଲାଣି । ସୂଚନା ଅନୁସାରେ ଚମ୍ପୁଆ ମୁଖ୍ୟାଳୟରେ ଥିବା ବସଷ୍ଟାଣ୍ଡରେ ଦୈନିକ ଶହ ଶହ ଯାତ୍ରୀଙ୍କ ଆଗମନ ହେଉଥିବା ଏବଂ ଜିଲାର ବିଭିନ୍ନ ସ୍ଥାନ ଓ ଅନ୍ୟ ଜିଲା ସମେତ ଝାଡଖଣ୍ଡ ରାଜ୍ୟରୁ ଯାତ୍ରୀ ବାହି ବସ ଚଳା ଚଳ କରୁଛି । ମାତ୍ର ଯାତ୍ରୀ ମାନଙ୍କ ସୁବିଧା ନିମନ୍ତେ ନିର୍ମାଣ କରାଯାଇଥିବା ବିଶ୍ରାମା ଗାରର ଅବସ୍ଥା ସୋଚନିୟ ହୋଇପଡିଲାଣି । ବିଜ୍ଞପିତ ଅଂଚଳ ପରିଷଦ ଅଧିନରେ ଏହି ବିଶ୍ରାମା ଗାର ରହୁଥିଲେ ମଧ୍ୟ ଯାତ୍ରୀ ମାନଙ୍କୁ ସେବା ଯୋଗାଇବାରେ ବିଫଳ ହୋଇଛି । ଦୀର୍ଘ ଦିନ ଧରି ବିଦ୍ୟୁତ ସଂଯୋଗ କଟି ଯାଇଥିବା ବେଳେ ସଂଜ ନଇଁଲେ ଏହା ଅସାମାଜିକ ଲୋକଙ୍କ ଚରା ଭୁଇଁ ପାଲଟି ଯାଏ । ଅନ୍ଧାରର ସୁଯୋଗ ନେଇ ଅନେକ ସମୟରେ ଏଠାରେ ମଦ୍ୟପଙ୍କ ଆଡା ଜମିଥାଏ । ଫଳରେ ଚମ୍ପୁଆରୁ ରାଜଧାନୀ ଆଦି ଯାଉଥିବା ଯାତ୍ରୀ ବାହୀ ବସ ଗୁଡିକର ଯାତ୍ରୀ ମାନେ ନିଜକୁ ସୁରକ୍ଷିତ ମଣିପାରୁ ନାହାନ୍ତି । ଘରେଇ ବସ ମାଲିକ ସଂଘ ଏହି ବସଷ୍ଟାଣ୍ଡରୁ ଶୃଙ୍ଖଳିତ ବସ ଚଳା ଚଳ ପାଇଁ ଅର୍ଥ ଆଦାୟ କରୁଥିଲେ ମଧ୍ୟ ଯାତ୍ରୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଉନଥିବା ଦେଖା ଯାଇଛି । ଖରା ଦାଉରୁ ତୃଶା ମେଂଟାଇବା ପାଇଁ ଦୁଇ ଗୋଟି ପାଣି ହାଣ୍ଡିରେ ପାଣି ରଖି ବସ ମାଲିକ ସଂଘ ତା ଦାୟିତ୍ୱ ସମ୍ପାଦନ କରୁଥିବା ବେଳେ ତାହା ଯଥେଷ୍ଟ ହେଉ ନାହିଁ । ଏପରିକି ମହିଳା ଯାତ୍ରୀଙ୍କ ଅବସ୍ଥା କହିଲେ ନସରେ । ପରିଶ୍ରା ଗାର ନଥିବାରୁ ଏହି ମହିଳା ଯାତ୍ରୀ ମାନେ ନାନା ଅସୁବିଧାରେ ସମ୍ମୁଖିନ ହେଉଛନ୍ତି । ଏ ନେଇ ଏନ୍.ଏ.ସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁଙ୍କୁ ପଚାରିବାରୁ କହିନ୍ତି ଯେ ଏହି ଅବ୍ୟବସ୍ଥା ପ୍ରତି ଆମେ ଦୃଷ୍ଟି ଦେଇଛୁ । ଖୁବ ଶିଘ୍ର ମାଲିକ ସଂଘ ସହ ବସି ଆଲୋଚନା କରାଯାଇ ଏହାର ସମାଧାନ ବାହାର କରାଯିବା ସହ ଯାତ୍ରୀ ଅଧିକାର ପ୍ରତି ଗୁରୁତ୍ୱ ଦିଆଯିବ ।

## ବିଜେପିର ୪୪ତମ ପ୍ରତିଷ୍ଠା ଦିବସ ପାଳିତ

ଘଷିପୁରା,(ପି.ଏନ):ଘଷିପୁରା ନିର୍ବାଚନ ମଣ୍ଡଳୀ କେଶଦୂରାପାଳ ବାଲିଯାତ୍ରା ପଡିଆ ଠାରେ ବିଜେପିର ୪୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ପ୍ରତିଷ୍ଠା ଦିବସରେ ବିଜେପି ପ୍ରାର୍ଥୀ ପୃଥୀରାଜ କୁଅଁର, ଜିଲ୍ଲା ସାଧାରଣ ସମ୍ପାଦକ ଦୀପକ କୁମାର ଜେନା ପ୍ରଥମେ ବିଜେପି ପତାକାକୁ ଉତ୍ତୋଳନ କରି ଡଃ ଶ୍ୟାମ ପ୍ରକାଶ ମୁଖାର୍ଜୀ, ଦିନଦୟାଲ ଉପାଧ୍ୟାୟ ଓ ଭାରତ ମାତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ବିଭୂତି ଭୂଷଣ ଜେନା ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଜେପି ପ୍ରାର୍ଥୀ ପୃଥୀରାଜ କୁଅଁର ନିଜ ବକ୍ତବ୍ୟରେ କହିଥିଲେ ଯେ ଭାରତର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କ ଉଦ୍ଦେଶ୍ୟରେ କୋଭିଡ୍ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଆୟୁଷ୍ମାନ ଯୋଜନା, ଶିକ୍ଷା, ସ୍ୱାସ୍ଥ୍ୟ, ଗମନା ଗମନରେ ଦେଶକୁ ଶୀର୍ଷ ସ୍ଥାନରେ ପହଞ୍ଚାଇଥିବା ବେଳେ ଓଡିଶାର ବିଜେଡି ସରକାର ରାଜ୍ୟବାସୀଙ୍କୁ ବିକାଶର ପଛରେ ପକାଇ ଦେଇଛନ୍ତି । ଆଗାମୀ ୨୦୨୪ ନିର୍ବାଚନରେ ବିଜେପି ଯେପରି ଶାସନକୁ ଆସେ ସେଥିପାଇଁ ଆହ୍ୱାନ ଦେଇଥିଲେ । ବିଜେପି ଶାସନକୁ ଆସିଲେ ରାଜ୍ୟର ଅଗ୍ରଗତି ଘଟିବା ସହିତ ଘଷିପୁରା ନିର୍ବାଚନ ମଣ୍ଡଳୀକୁ ଭ୍ରଷ୍ଟାଚାର ମୁକ୍ତ କରାଯିବ ବୋଲି ଅତିଥିମାନେ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ମନ୍ତବ୍ୟ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିକାଶ ଜେନା, ରନ କୁମାର ପାତ୍ର, ତୀର୍ଥବାସୀ ଜେନା, ସଂଗ୍ରାମ ଜେନା, ରାଜୀବ ନାହାକ, ଭଣ୍ଡାରିଡିହା ସମିତିସଭ୍ୟ ସୁବାଷିନୀ ରାଉତ ପ୍ରମୁଖଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ ।

## ପାରାଦୀପ ଡିଏଭି ପବ୍ଲିକ ସ୍କୁଲର ୧୪ ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ

ପାରାଦୀପ,(ପି.ଏନ): ପାରାଦୀପ ଡିଏଭି ପବ୍ଲିକ ସ୍କୁଲର ୧୪ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ 'ଅମୃତାୟନ' ବିଦ୍ୟାଳୟ ପରିସରରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ବନ୍ଦରର ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ. ସୋଚ୍ଚୀ ମୁଖ୍ୟ ଅତିଥି ଓ ଇଫକୋ ଡିଏଭି ବିଦ୍ୟାଳୟର ଅଧ୍ୟକ୍ଷ ବଳରାମ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଏହି ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ କ୍ଷ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଭି.ସାରଳା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ପାରାଦୀପ ଡିଏଭି ବିଦ୍ୟାଳୟର ଅଧ୍ୟକ୍ଷା ବିନ୍ଦୁଶ୍ରୀ ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ କ୍ଷ ତେବେ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟ,



ସଂଗୀତ ଓ ଅଭିନୟ ଉପସ୍ଥିର ଭରପୁର ଅଭିଭାବକ ଓ ଅତିଥି ମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା କ୍ଷ ଏହି କାର୍ଯ୍ୟକ୍ରମ କୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ହୃଷିକେଶ ପ୍ରଧାନ ପରିଚ୍ାଳନା କରିଥିବା ବେଳେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚ୍ାରୀ ମାନେ ଏଥିରେ ସକ୍ରିୟ ଭାବେ ସହଯୋଗ କରିଥିଲେ । ଶେଷରେ ବିଦ୍ୟାଳୟର ଇଂରାଜୀ ବିଭାଗ ଶିକ୍ଷୟିତ୍ରୀ ସୁଦୀପ୍ତା ସାହାଣୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାରତୀୟ ଜନତା ପାର୍ଟି ପାରାଦୀପ ମଣ୍ଡଳ ପକ୍ଷରୁ ଦଳର ୪୪ତମ ପ୍ରତିଷ୍ଠା ଦିବସ ପାଳିତ

ପାରାଦୀପ,(ପି.ଏନ): ପାରାଦୀପ ନଗର ମଣ୍ଡଳ ତରଫରୁ ଭାରତୀୟ ଜନତା ପାର୍ଟି ଏପ୍ରିଲ ୬ ତାରିଖ ଗୁରୁବାର ଦିନ ଦଳର ୪୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି କ୍ଷ ସ୍ଥାନୀୟ ଷଣ୍ଢକୁଦ ବିଜେପି କାର୍ଯ୍ୟାଳୟ ଠାରେ ପାରାଦ୍ୱୀପ ନଗର ସଭାପତି ସୁବ୍ରତ ପ୍ରଧାନ ଙ୍କ ନେତୃତ୍ୱରେ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି କ୍ଷ ମୁଖ୍ୟ ଅତିଥି ରୂପେ ପାରାଦ୍ୱୀପ ବିଜେପି ନେତା ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସମ୍ପଦ ସ୍ୱାଇଁ ପତାକା ଉତ୍ତୋଳନ କରିବା ସହ ତାଙ୍କ ଅଭିଭାଷଣ ରଖିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଢ଼ ନେତୃତ୍ୱ ଓ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ପ୍ରଶଂସନୀୟ କାର୍ଯ୍ୟଶୈଳୀ ର ଉଦାହରଣ ଦେଇ ଭାରତୀୟ ଜନତା ପାର୍ଟି କୁ ବିସ୍ତାର କରିବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ଶ୍ରୀ ସ୍ୱାଇଁ ଉତ୍ସାହିତ କରିଥିଲେ । ବିଗତ କିଛି ବର୍ଷ ଧରି ପ୍ରଧାନମନ୍ତ୍ରୀ ମୋଦି ସମଗ୍ର ବିଶ୍ୱରେ ଲୋକପ୍ରିୟ ଜନନେତା ଭାବରେ ପ୍ରଥମ ସ୍ଥାନରେ ଆସୀନ ହୋଇଛନ୍ତି କ୍ଷ ତାଙ୍କରି ପ୍ରଚେଷ୍ଟା ରେ ହିଁ ଭାରତ ବିଶ୍ୱଗୁରୁ ହୋଇପାରିବ ଏହି ଆତ୍ମବିଶ୍ୱାସ ଭାରତୀୟ ମାନଙ୍କ ଭିତରେ ସୃଷ୍ଟି ହୋଇଛି କ୍ଷ ଏହି ଅବସରରେ ଜିଲ୍ଲା ମିଡ଼ିଆ ସଂଯୋଜକ ସର୍ବେଶ୍ୱର ବଳିୟାରସିଂ, ପୌରାଧ୍ୟକ୍ଷ ପ୍ରାର୍ଥୀ ଗୌତମ ନାୟକ, ଅର୍ଜିଲି ସିବା, ସୋଲେମନ ରାଜୁ, ଯୀଶୁଖ୍ରୀଷ୍ଟ ପ୍ରଧାନ, ସର୍ବେଶ୍ୱର ଜେନା, କ୍ରିଷ୍ଣା ଜେନା ଓ ସ୍ମୃତିରଞ୍ଜନ ପରିଜା ପ୍ରମୁଖ ଉପସ୍ଥିତ ଥିଲେ ।

## ଜାତୀୟ ସ୍ତରୀୟ ତାଇକୋଣ୍ଡ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି କେନ୍ଦୁଝର ପାଇଁ ଗୌରବ ଆଣିଲେ ଅଦମ୍ୟ, ଆୟୁଷ ଓ ଆଗ୍ନେୟ



କେନ୍ଦୁଝର,(ପି.ଏନ):ୟିନିଭରସିଟି ଅଫ୍ କୋଟା, ରାଜସ୍ଥାନ ଠାରେ ୨୮ରୁ ମାର୍ଚ୍ଚ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଥିବା ୩୬ତମ ସବ୍ ଜୁନିୟର କ୍ୟୋରୁଗୀ ଏବଂ ୫ମ ପୁମସେ କ୍ୟାଡେଟ୍ କ୍ୟୋରୁଗୀ ଏବଂ ପୁମ୍‌ସେ ତାଇକୋଣ୍ଡ ଜାତୀୟ ପ୍ରତିଯୋଗିତାରେ ଓଡିଶା ଦଳକୁ ଏକ ବଡ ସଫଳତା ମିଳିଛି । ଏହି ପ୍ରତିଯୋଗିତାରେ ୨୫ ରାଜ୍ୟରୁ ୧୧ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗି ଅଂଶଗ୍ରହଣ କରିଥିଲେ । ତାଇକୋଣ୍ଡ ଆସୋସିଏସନ୍, କେନ୍ଦୁଝରର ସମ୍ପାଦକ ତଥା ମୁଖ୍ୟ କୋଚ୍ ଏମ୍‌ଡି ରମଜାନ ଓ ସହାକାରୀ କୋଚ୍ ମନିସ ପ୍ରସାଦଙ୍କ ତତ୍ତ୍ୱାବଧାନରେ ଜିଲ୍ଲାରୁ ୪ଜଣ ଜାତୀୟ ସ୍ତରକୁ ମନୋନୀତ ହୋଇଥିଲେ । ସେଥି ମଧ୍ୟରୁ ପ୍ରଥମ ଦିନରେ ସବ୍ ଜୁନିୟର ଟିମ୍ ପୁମସେ ବିଭାଗରେ ଅଦମ୍ୟ ଅଭିଜିତ ରାୟ, ଆୟୁଷ କୁମାର ପୃଷ୍ଟି ଓ ଆଗ୍ନେୟ କୁମାର ପୃଷ୍ଟି ସ୍ୱର୍ଣ୍ଣ ଏବଂ ଅଦମ୍ୟ ଇଣ୍ଡିଭିଜୁଆଲ ପୁମସେ ବିଭାଗରେ ରୌପ୍ୟ ପଦସ ହାସଲ କରି ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । କରୋନା ମହାମାରୀର ୨ ବର୍ଷ ପରେ ଏହା ପ୍ରଥମ ଅଫିସିଆଲ ପ୍ରତିଯୋଗିତା ଥିଲା । କଠିନ ପରିଶ୍ରମ, ଦୃଢ ସଂକଳ୍ପ ଓ କୋଚ ମାନଙ୍କ ଅକ୍ଲାନ୍ତ ପରିଶ୍ରମ ଦ୍ୱାରା ଏହା ସମ୍ଭବ ହୋଇପାରିଛି ଏବଂ ଆଗକୁ କେନ୍ଦୁଝରରୁ ଆହୁରି ପ୍ରତିଭା ବାହାରିବେ ଓ କିପରି ଆନ୍ତର୍ଜାତିକ ସ୍ତରରେ ମଧ୍ୟ ସଫଳତା ଆଣିପାରିବେ ସେଥିପାଇଁ ପୂର୍ଣ୍ଣ ପ୍ରୟାସ ଜାରି ରହିବ ବୋଲି ବରିଷ୍ଠ କୋଚ୍ ତଥା ତାଇକୋଣ୍ଡ ଆସୋସିଏସନ୍‌ର ସଭାପତି ମୌଳୀନ୍ଦୁ କୁମାର ମହାନ୍ତ ମତବ୍ୟକ୍ତ କରିଛନ୍ତି । ଜାତୀୟ ସ୍ତରରେ ସଫଳତା ପାଇଁ କେନ୍ଦୁଝର ତାଇକୋଣ୍ଡ ଆସୋସିଏସନ୍ ତଥା ସମସ୍ତ ଅଭିଭାବକ କୋଚ୍ କୁନୁ ସାର ଓ ମନିସ ସାର ସହିତ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି । ଓଡିଶା ତାଇକୋଣ୍ଡ ସଂଘର ସାଧାରଣ ସମ୍ପାଦକ ମନମୋହନ ଭ ଏହି ସଫଳତା ପାଇଁ ଖୁସିବ୍ୟକ୍ତ କରିଛନ୍ତି ।




## ବିଦ୍ୟୁତ୍ ସଂଯୋଗ ନଥାଇ ୩୦ ହଜାର ଟଙ୍କାର ବିଲ୍‌କୁ ନେଇ ମନସ୍ତାପରେ ଉପଭୋକ୍ତା



ଘଷିପୁରା,(ପି.ଏନ):ଆନନ୍ଦପୁର ବ୍ଲକ ଅନ୍ତର୍ଗତ କୋଡପଡା ପଂଚାୟତ ଗୋଳାବନ୍ଧର ମାଧୁରୀ ନାଏକ ବିଦ୍ୟୁତ୍ (ଉପଭୋକ୍ତା ନଂ ୬୨୩୧୮୧୦୪୨୬୮)ଙ୍କ ଘରେ ଗତ ୨୦୧୯ ଜାନୁଆରୀ ମାସରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ମିଟର ଏବଂ ବୋର୍ଡ ଲଗାଯାଇଥିବା ବେଳେ ବିଦ୍ୟୁତ୍ ସଂଯୋଗ କରାଯାଇ ନଥିଲା । ମାତ୍ର ସେହି ମାସ ୭ ତାରିଖରେ ମାଧୁରୀଙ୍କ ଘର ପୋଡିଯାଇ ଘରର ଆସବାବ ସମେତ ଲଗାଯାଇଥିବା ମିଟର ଏବଂ ବୋର୍ଡ ପୋଡି ନଷ୍ଟ ହୋଇଯାଇଥିଲା । ଦୀର୍ଘଦିନ ବ୍ୟବଧାନ ପରେ ୨୦୨୨ ଅଗଷ୍ଟ ମାସରେ ନୂତନ ମିଟର ଲଗାଇ ବିଦ୍ୟୁତ୍ ସଂଯୋଗ କରାଯାଇ ଅଗଷ୍ଟ ମାସରେ ବିଦ୍ୟୁତ ସଂଯୋଗ ହୋଇଥିବା ବେଳେ ମାର୍ଚ୍ଚ ମାସର ବିଲ ବାବଦ ୧୮୫ ଟଙ୍କା ବିଲ୍‌କୁ ମିଶାଇ ପୂର୍ବ ବକେୟା ବାବଦ ମିଶି ମୋଟ ୩୦ ହଜାର ୯ ଶହ ୫୨ ଟଙ୍କା ଦେବାକୁ ବିଲ୍‌ରେ ଦର୍ଶାଯାଇଥିବା ଜଣାପଡିଛି । ଏ ସମ୍ପର୍କରେ ମାଧୁରୀ ବିଦ୍ୟୁତ୍ ବିଭାଗର ସହକାରୀ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ କୌଣସି ପଦକ୍ଷେ ଗ୍ରହଣ କରୁନଥିବାରୁ ନାୟକ ଦମ୍ପତ୍ତି ଅଭିଯୋଗ କରିଛନ୍ତି । ସୁଚନା ଅନୁସାରେ ବିଦ୍ୟୁତ୍ ବିଭାଗ ଅଧିକାରୀ ମାଧୁରୀଙ୍କ ପୁନଃ ସଂଯୋଗୀକରଣ ରସିଦ ଦାଖଲ କଲେ ସମାଧାନ ହୋଇପାରିବ ବୋଲି ପ୍ରତିଶୃତି ଦେଇଛନ୍ତି । ଆନନ୍ଦପୁର ଉପଖଣ୍ଡ ସହରାଞ୍ଚଳ ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ବହୁ ଉପଭୋକ୍ତା ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖାଯାଉଛି । ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହୋଇଛି ।

## ଆମ୍ବ ଡାଳ ପଡି ନଳକୂପ ଅଚଳ

ଭଗାମୁଣ୍ଡା,(ପି.ଏନ):ହରିଚନ୍ଦନପୁର ବ୍ଲକ ଭଗାମୁଣ୍ଡା ପଂଚାୟତ ଅନ୍ତର୍ଗତ ଡାକଘର ପାଖରେ ଥିବା ନଳକୂପ ଉପରେ ଏକ ବିଶାଳ ଆମ୍ବ ଗଛର ଡାଳ ପଡିଯିବାରୁ ନଳକୂପର ହେଣ୍ଡେଲଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ଏହି ନଳକୂପ ଉପରେ ୩୦ ପରିବାର ନିର୍ଭର କରୁଥିବା ବେଳେ ବର୍ତ୍ତମାନ ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ନଳକୂପଟିକୁ ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ବାଲିଘାଟ ବିବାଦ ମହିଳାଙ୍କ ମୃତ୍ୟୁ ଘଟଣାରେ ୫ ଗିରଫ

ଆନନ୍ଦପୁର,(ପି.ଏନ):କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଶାଳଦେଇ ଗ୍ରାମର ବାଲିଘାଟ ବିବାଦରେ ସେହି ଗ୍ରାମର ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ରାମଚନ୍ଦ୍ରପୁର ପୋଲିସ୍ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ହୋଇଥିବା ବ୍ୟକ୍ତିମାନେ ହେଲେ ଶାଳଦେଇ ଗ୍ରାମର ହରେକୃଷ୍ଣ ବୋଇତେଇ, ତରୁଆଁ ଗ୍ରାମର ଅମରେଶ ରାଉତ, ବଡପଦନା ଗ୍ରାମର ଭାଗିରଥି ପଲେଇ, ଅନ ରାଉତ ଏବଂ ସନ୍ତୋଷ ସାହୁ । ଏସ୍‌ଡିପିଓ ପ୍ରଶାନ୍ତ ବେହେରାଙ୍କ ଉପସ୍ଥିତିରେ ରାମଚନ୍ଦ୍ରପୁର ଥାନାଧିକାରୀ ଅବିନାଥ ପରିଡା ସମସ୍ତ ଅଭିଯୁକ୍ତଙ୍କୁ ଆଜି ଅପରାହ୍ନରେ କଡା ସୁରକ୍ଷା ମଧ୍ୟରେ କୋର୍ଟ ଚାଲାଣ କରିଛି । ସମସ୍ତ ଅଭିଯୁକ୍ତଙ୍କ ନାମରେ ୩୦୨ ଭଳି ସଙ୍ଗୀନ ଦଫା ଲାଗିବା ସହିତ ଏହି ଘଟଣାରେ ଆହୁରି ଅଧିକ ସଂପୃକ୍ତ ଥିବା ଅଭିଯୋଗରେ ରାମଚନ୍ଦ୍ରପୁର ପୋଲିସ୍ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରି ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି । ସୂଚନା ଅନୁଯାୟୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଶାଳଦେଇ ଗ୍ରାମରେ ବାଲିଘାଟକୁ କେନ୍ଦ୍ର କରି ଗତ ମାର୍ଚ୍ଚ ୨ ତାରିଖରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ସେହି ଗ୍ରାମର ମଲ୍ଲୀ ଜେନା ଗୁରୁତର ଆହତ ହୋଇ ପ୍ରଥମେ ଆନନ୍ଦପୁର ଏବଂ ପରେ କଟକ ବଡ ଡାକ୍ତରଖାନାକୁ ଚିକିତ୍ସା ପାଇଁ ସ୍ଥାନାନ୍ତର ହୋଇଥିଲେ । ସେଠାରେ ୮ଦିନ ମରଣ ସହ ସଂଘର୍ଷ କରିବା ପରେ ମଲ୍ଲୀ ଜେନାଙ୍କ ମୃତ୍ୟୁ ଘଟିଥିଲା । ପରିବାର ଲୋକେ ଅଭିଯୁକ୍ତଙ୍କୁ ଗିରଫ ଦାବି କରି ମହିଳାଙ୍କ ଶବକୁ ୨୦ନଂ ଜାତୀୟ ରାଜପଥ ସୁଆଁପଦା ଛକରେ ରଖି ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ । ଦୀର୍ଘ ସମୟ ରାସ୍ତା ଅବରୋଧ ପରେ ଏସ୍‌ଡିପିଓ ପ୍ରଶାନ୍ତ ବେହେରାଙ୍କ ସମେତ ରାମଚନ୍ଦ୍ରପୁର, ଘଷିପୁରା ଏବଂ ଆନନ୍ଦପୁର ଥାନାଧିକାରୀ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ପ୍ରତିଶୃତି ଦେବାପରେ ରାସ୍ତା ଅବରୋଧ ହଟିଥିଲା । ଉକ୍ତ ଘଟଣା ପରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବାକୁ ଦାବି ହୋଇଥିଲା ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray